# ମାଟ୍ରିକ ପରୀକ୍ଷା ଫଳାଫଳ

## ରାଜ୍ୟରେ ନୂଆପଡ଼ା ଜିଲ୍ଲା ପଞ୍ଚମ ବରଗାଁ ପଞ୍ଚାୟତ ହାଇସ୍କୁଲର ପୁନମ ଜିଲ୍ଲା ଟପ୍ପର

**ନୂଆପଡ଼ା, ୨।୫(ସମିସ):** ନୂଆପଡ଼ା ଭଳି ଉପାନ୍ତ ଜିଲ୍ଲାରେ ଦିନକୁ ପ୍ରାଥମିକଠାରୁ ମାଧ୍ୟମିକ, ଉଚ୍ଚ ଶିକ୍ଷା କ୍ଷେତ୍ରରେ ଉନ୍ନତି ଘଟିବାରେ ଲାଗିଛି। ଏଥର ମାଟ୍ରିକ ରେଜଲ୍ଟ ଆଶାନୁରୂପ ହୋଇଛି। ରାଜ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଛି ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି। ଶନିବାର ପ୍ରକାଶିତ



ମାଟ୍ରିକ ଫଳାଫଳରେ ନୂଆପଡ଼ା ଜିଲ୍ଲାରେ ପାସହାର ୯୭.୮୭ ପ୍ରତିଶତ ରହିଥିବା ବେଳେ ରାଜ୍ୟରେ ପଞ୍ଚମ ସ୍ଥାନ ଅକ୍ତିଆର କରିଛି। ଜିଲ୍ଲାରେ ପ୍ରଥମ ଥର ପାଇଁ ଏ-ୱାନ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଜିଲ୍ଲାର ସିନାପାଲି ବ୍ଲକର ପଞ୍ଚାୟତ ହାଇସ୍କୁଲ ବରଗାଁର ଛାତ୍ରୀ ପୁନମ ମେହେର ୫୫୦ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଜିଲ୍ଲାରେ ୧୫୫ଟି ହାଇସ୍କୁଲର ୯୫୮୭ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୧୮୪ଜଣ ବିଭିନ୍ନ କାରଣରୁ ଅନୁପସ୍ଥିତ ଥିଲେ। ଏଥିରୁ ୧୩ ଜଣ ଏ-ୱାନ, ୨୨୬ଜଣ ଏ-ଟୁ, ୧୧୧୧ଜଣ ବିଟ- ୱାନ ଏବଂ ୨୩୭୩ ଜଣ ବି-ଟୁ ସ୍ଥାନରେ ପାସ କରିଛନ୍ତି। ତେବେ ମୋଟ ୯୨୦୩ଜଣ ଛାତ୍ରଛାତ୍ରୀ ପାସ କରିଥିବା ଜଣାପଡ଼ିଛି। ଗତ ବର୍ଷ ତୁଳନାରେ ସଂଖ୍ୟା ସହ ଗୁଣାୟକ ଶିକ୍ଷାରେ ବିକାଶ ଘଟିଥିବା କୁହାଯାଇଛି। ୧୩ଜଣ ଏ-ୱାନଙ୍କ ମଧ୍ୟରେ କୋମନା ବ୍ଲକ ପଞ୍ଚାୟତ ହାଇସ୍କୁଲ ବୁଢ଼ିକୋମନାର ୨ଜଣ, କାଟଜୁ ହାଇସ୍କୁଲ ଭେଲା, ରାଷ୍ଟ୍ରୀୟ ହାଇସ୍କୁଲ ବାଞ୍ଚିବାହାଲ, ସରକାରୀ ହାଇସ୍କୁଲ ଜଡାମୁଣ୍ଡାରୁ ଜଣେ ଲେଖାଏଁ, ଖଡିଆଳ ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୩ଜଣ, ସିନାପାଲି ବ୍ଲକ ସରକାରୀ ହାଇସ୍କୁଲ ସିନାପାଲି, ଗଣ୍ଡାବାହାଲି ହାଇସ୍କୁଲରୁ ଜଣେ ଲେଖାଏଁ, ପଞ୍ଚାୟତ ହାଇସ୍କୁଲ ବରଗାଁରୁ ୨ଜଣ ଏବଂ ବୋଡେନସ୍ଥିତ ସରକାରୀ ଏସଏସଡି ହାଇସ୍କୁଲରୁ ଜଣେ ଏ-ୱାନ ପାସ କରିଛନ୍ତି।

## କଳାହାଣ୍ଡିରେ ପାସହାର ୯୭.୮୬%

### ସ୍ୱାତୀ ମହାକୁଡ଼ ଜିଲ୍ଲା ଟପ୍ପର



**ଭବାନୀପାଟଣା:** ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ଅପରାହ୍ନରେ ପ୍ରକାଶ ପାଇଛି। ଚଳିତ ବର୍ଷ କଳାହାଣ୍ଡି ଜିଲ୍ଲାରେ ପାସ୍ ହାର ୯୭.୮୬% ରହିଛି। ଜିଲ୍ଲାର ୩୧୪ଟି ହାଇସ୍କୁଲରେ ୨୦ ହଜାର ୯୬୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୦ ହଜାର ୧୪୮ ଜଣ ଛାତ୍ରୀଛାତ୍ର ପାସ କରିଥିବାବେଳେ ୩୮୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇନଥିଲେ। ଜିଲାରେ ଏ-୧ ଗ୍ରେଡରେ ୧୧୮ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଏ-୨ରେ ୧୨୭୬, ବି-୧ରେ ୩୬୧୬, ବି-୨ରେ ୫୦୭୭, ସି ରେ ୫୩୦୨, ଡି ରେ ୩୫୧୩ ଓ ଇ ଗ୍ରେଡ ୧୨୪୬ଜଣ ରହିଛନ୍ତି। ଏହାସହ ୪୪୦ ଜଣ ଫେଲ ହୋଇଛନ୍ତି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଭବାନୀପାଟଣା ସଦର ବ୍ଲକ ସ୍ଥିତ ଗଣନାଥପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ (ୟୁଜିଏଚଏସ)ର ଛାତ୍ରୀ ସ୍ୱାତୀ ମହାକୁଡ଼ ସର୍ବାଧିକ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସେ ମୋଟ ୫୭୭ ନମ୍ବର (୯୬.୧୭%) ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମାଟ୍ରିକରେ ଜିଲା ଟପ୍ପର ପରେ ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ସ୍?ାତୀଙ୍କ ବାପା ଓ ମାଁ ନିପଟ ମୂର୍ଖ। ପାଠ କଣ ଦିହେଁ ଜାଣି ନାହାନ୍ତି। ଗାଈ ଚରାଇ କ୍ଷୀର ବିକି ବାପା ଟୁନା ମହାକୁଡ ପରିବାର ଚଳାନ୍ତି। ଚଳିତ ବର୍ଷ ମାଟ୍ରିକ ଫଳ ଅନ୍ୟବର୍ଷ ତୁଳନାରେ ଭଲ ହୋଇଥିବା କୁହାଯାଇଛି। ତେବେ ଲାଞ୍ଜିଗଡ଼ ଓ ଥୁଆମୂଳରାମପୁର ବ୍ଲକରେ କୌଣସି ଛାତ୍ର ଛାତ୍ରୀ ଏ-୧ ଗ୍ରେଡ ରଖିନଥିବା ଜଣାପଡ଼ିଛି।

### ସମ୍ରାଟ ପ୍ରଧାନ କେସିଙ୍ଗା ବ୍ଲକ ଟପ୍ପର

**କେସିଙ୍ଗା:** ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲାରେ ଚଳିତ ବର୍ଷ ୩୪୩ସ୍କୁଲର ୨୦ହଜାର ୯ ଶହ ୬୮ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ୩୮୦ ଜଣ ଛାତ୍ରଛାତ୍ରୀ କୌଣସି କାରଣ ବଶତଃ ପରୀକ୍ଷା ଦେଇ ପାରିନଥିଲେ। ସମୁଦାୟ ୨୦ ହଜାର ୫ ଶହ ୮୮ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୦ହଜାର ୧ ଶହ ୪୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ



ବର୍ଷ କଳାହାଣ୍ଡି ଜିଲ୍ଲାର ଉତ୍ତୀର୍ଣ୍ଣ ହାର ୯୭.୮୬ ପ୍ରତିଶତ। ସେହିପରି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ମଧ୍ୟ ଚଳିତ ବର୍ଷ ୯ ଜଣ ଛାତ୍ରଛାତ୍ରୀ ଏ-ୱାନରେ ପାସ କରିଛନ୍ତି। କେସିଙ୍ଗା ବିଦ୍ୟାପୀଠରୁ ୨ ଜଣ, ତୁଣ୍ଡଲା ଉଚ୍ଚ ବିଦ୍ୟାଳୟରେ ୧, ହାତୀଖୋଜ ଉଚ୍ଚ ବିଦ୍ୟାଳୟରେ ୧, ବାଲସି ଉଚ୍ଚ ବିଦ୍ୟାଳୟ ରେ ୧, ବେଲଖଣ୍ଡି ଉଚ୍ଚ ବିଦ୍ୟାଳୟରେ ୧, ଫଟକାମାଲ ଉଚ୍ଚ ବିଦ୍ୟାଳୟ ରେ ଜଣେ, କେସିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ୨ ଜଣ ଏ-ୱାନରେ ପାସ କରିଛନ୍ତି। ବ୍ଲକର ୯ ଜଣ ଏ-ୱାନ ମଧ୍ୟରୁ ପିଏମ୍ଶ୍ରୀ ହାୟର ସେକେଣ୍ଡାରୀ ବିଦ୍ୟାଳୟ ତୁଣ୍ଡଲାର ସମ୍ରାଟ ପ୍ରଧାନ ୬୦୦ରୁ ୫୫୯ ମାର୍କ (୯୩.୧୭ ପ୍ରତିଶତ) ମାର୍କ ରଖି କେସିଙ୍ଗା ବ୍ଲକ ଟପ୍ପର ହୋଇଛନ୍ତି।

### ସିନାପାଲି ବ୍ଲକ୍‌ର ୪ ଜଣ ଏ-୧ ଗ୍ରେଡ୍

**ସିନାପାଲି:** ଚଳିତ ଶିକ୍ଷା ବର୍ଷ ରେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରୁ ୪ ଜଣ ଏ-୧ଗ୍ରେଡରେ ପାସ କରି ସିନାପାଲି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ୪ଜଣ ମଧ୍ୟରୁ ସିନାପାଲି ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟର ରାହୁଲ କାଣ୍ଡ ୫୪୫ ମାର୍କ ରଖି ଏ-୧ଗ୍ରେଡରେ ପସ କରିଥିବା ବେଳେ ଗଣ୍ଡାବାହାଲି ଉଚ୍ଚ ବିଦ୍ୟାଳୟର ନେହା ଅଗ୍ରୱାଲ ୫୫୦ ମାର୍କ ରଖି ଥିବା ବେଳେ ବରଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୁନମ ମେହେର ୫୫୦ ମାର୍କ ଓ ଚନ୍ଦ୍ରପ୍ରଭା ସା ୫୪୦ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷରେ ନୂଆପଡ଼ା ଜିଲ୍ଲାରୁ ୧୩ ଜଣ ୧-ୱାନରେ ପାସ କରିଥିବା ବେଳେ ସିନାପାଲିରୁ ୪, ଏ-୧ ପାଇଛନ୍ତି।

### କୋକସରା ବ୍ଲକ୍‌ରେ ୬ଜଣ ଏ-୧

**କୋକସରା:** କୋକସରା ବ୍ଲକରେ ଚଳିତ ବର୍ଷ ଦଶମ ବୋର୍ଡ଼ ପରୀକ୍ଷାରେ ୫ଜଣ ଛାତ୍ରୀ ଓ ଜଣେ ଛାତ୍ରକୁ ମିଶାଇ ୬ ଜଣ ବ୍ଲକ ଟପ୍ପର ହୋଇଛନ୍ତି। ସମସ୍ତ ଛାତ୍ରଛାତ୍ରୀ ୫୪୦ ମାର୍କ ଏ-୧ ଗ୍ରେଡ (୯୦ ପ୍ରତିଶତ) ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେମାନେ ହେଲେ କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶ୍ମିତା ବିଷି, ଦିବ୍ୟାଶ୍ରୀ ପ୍ରଧାନୀ, ଛାତ୍ର ନରୋତ୍ତମ ବାଗ, ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟ ଡହଗାଁର ଛାତ୍ରୀ ପ୍ରିୟଙ୍କା ମଶ୍ରା, ରେଙ୍ଗାଲପାଲି ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ଲିଲିମଣି ବାଗ ଓ ସୌଭାଗ୍ୟ ନିଆଲ ବୋଲି ସୂଚନା ମିଳିଛି। ସଫଳତା ପଛରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରିଶ୍ରମ, ଆଶୀର୍ବାଦ ତଥା ନିଜର ଦୃଢ଼ ମନୋବଳ ଓ ନିରନ୍ତର ପରିଶ୍ରମ ରହିଛି ବୋଲି ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ସୂଚନା ଯେ' କୋକସରା ବ୍ଲକରେ ଚଳିତ ବର୍ଷରେ ୯ ଗୋଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୪୭୧ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪୪୦ ଜଣ ପରୀକ୍ଷା ଦେଇଥିଲେ।

## ଗୋହତ୍ୟା ଅଭିଯୋଗରେ ଯୁବକ ଅଟକ

**ଜୟପାଟଣା, ୨।୫(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଧୀନସ୍ଥ ତାଲଗୁଡ଼ ଗ୍ରାମରେ ଗୋହତ୍ୟା ଅଭିଯୋଗକୁ ନେଇ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି।ଏହି ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁସାରେ, ଗ୍ରାମର କିଛି ଯୁବକ ଗୋହତ୍ୟା କରୁଥିବା ବେଳେ ସ୍ଥାନୀୟ ଲୋକମାନେ ଦେଖିଥିଲେ।ଘଟଣା ପରେ ଗ୍ରାମବାସୀ ତୁରନ୍ତ ଜୟପାଟଣା ପୁଲିସକୁ ଖବର ଦେଇଥିଲେ।ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜୟପାଟଣା ଓ ମୁଖିଗୁଡ଼ା ପୁଲିସର ମିଳିତ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲେ।ପୁଲିସ ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ କାବୁ କରି ଥାନାରେ ଅଟକ ରଖିଛନ୍ତି ଏବଂ ତାଙ୍କୁ ପଚରାଉଚରା କରାଯାଉଛି। ଏପର୍ଯ୍ୟନ୍ତ ଏହି ଘଟଣାରେ ଅଧିକ ଲୋକ ଜଡିତ ଥିବା ସନ୍ଦେହ କରାଯାଉଥିବାରୁ ପୁଲିସ ତଦନ୍ତ ଜାରି ରଖିଛି।ଖବର ଲେଖିଲା ପର୍ଯ୍ୟନ୍ତ ଆଉ ଜଣେ ବ୍ୟକ୍ତିଙ୍କୁ ଉତ୍ତେଜିତ ଲୋକେ ମାଡ଼ ମାରିଥିବା ବେଳେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

## ଅଂଶୁଘାତରେ ବିପିସି ଚନ୍ଦନ ସାହୁଙ୍କ ମୃତ୍ୟୁ ଅଭିଯୋଗ

**କୋକସରା, ୨।୫(ସମିସ):** ଜୟପାଟଣା ବ୍ଲକ ଆରଏଚ୍ ବିଭାଗରେ କାର୍ଯ୍ୟରତ କର୍ମଚାରୀ କୋକସରା ବ୍ଲକ ଚିକିଲି ଗ୍ରାମର ଚନ୍ଦନ ସାହୁଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ଗୁରୁବାର



ଦିନ ବ୍ଲକ କାର୍ଯ୍ୟାଳୟକୁ ଡିଉଟିରେ ଯାଇ ପ୍ରାୟ ସାଢେ ଗୋଟାଏ ପରେ ନିଜ ଗାଁ କୋକସରା ବ୍ଲକ ଚିକିଲିକୁ ଫେରିଥିଲେ। ଘରେ ପହଞ୍ଚି ଅସୁସ୍ଥ ଅନୁଭବ କରି ବିଶ୍ରାମ ନେଇଥିଲେ। ଶୁକ୍ରବାର ସକାଳେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଟିକେ ସୁସ୍ଥ ହେବା ପରେ ନିଜ ଗାଁ ଚିକିଲି କୁ ନେଇ ଆସିଥିଲେ। ପୁଣି ସନ୍ଧ୍ୟାରେ ଅସୁସ୍ଥତା ଅନୁଭବ କରିବାରୁ ପ୍ରଥମେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜୁନାଗଡ଼ର ଏକ ଘରୋଇ ନର୍ସିଂ ହୋମରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଘାଟଣା ପରେ ଏପିଡି ଅମୂଲ୍ୟ ବାହୁକ, ଏଇ ସତ୍ୟନାରାୟଣ ସା ସମେତ ଜୟପାଟଣା ବ୍ଲକ ପିଇଓ, ଏଡିଓ ସମେତ ଅନ୍ୟାନ୍ୟ ଅଧିକାରୀ ସହ କର୍ମଚାରି, ବନ୍ଧୁ ପରିଜନ ଶବଧାରରେ ସାମିଲ ହୋଇଥିଲେ। ବିପିସି ଚନ୍ଦନଙ୍କ ଗୋଟିଏ ଝିଅ, ୪ ମାସର ପୁଅ ଓ ପତ୍ନୀ ରହିଛନ୍ତି।

### ■ ଗୋଡାଳରେ ୧୫ ଦିନ ହେଲା ଜଳ ଯୋଗାଣ ବନ୍ଦ

## ଟ୍ୟାଙ୍କ ନିକଟରେ ତାତିଲେ ମହିଳା, ବ୍ଲକ୍ ଘେରଉ ଚେତାବନୀ

**ସିନାପାଲି, ୨।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଦର ମହକୁମା ଠାରୁ ମାତ୍ର ୧ କିଲୋମିଟର ଦୂରରେ ଥିବା ଗୋଡାଳଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ରହିଥିବାରୁ ଗ୍ରାମର ଶତାଧିକ ମହିଳା ପ୍ରକଳ୍ପ ଟ୍ୟାଙ୍କ ନିକଟରେ ଜମା ହୋଇ ହୋହଲ୍ଲା କରିବାରୁ ଜଳ ଯୋଗାଣ ବନ୍ଦ ରହିଥିବା ଅଭିଯୋଗ କରିଛନ୍ତି। ଗ୍ରାମର ଶତାଧିକ ମହିଳା ଯାଇ ହୋ ହାଲ୍ଲା କରିବା ସହ ଜଳ ଯୋଗାଣ ସ୍ୱାଭାବିକ ନ କଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାଦେଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଚଳିତ ଗ୍ରୀଷ୍ମ ଋତୁରେ ବାରମ୍ବାର ଗ୍ରାମବାସୀ ଜଳ ଯୋଗାଣ ପାଇଁ ଅଭିଯୋଗ କରି ଆସୁଛନ୍ତି। ହେଲେ ବିଭିନ୍ନ ବହାନା ଦେଖାଇ ଜଳ ଯୋଗାଣ କରୁନାହାନ୍ତି। ଯାହାଫଳରେ ଲୋକେ ପାଣି ଟୋପାଏ ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ଥିବା ନଳକୂପ ଗୁଡିକରୁ ଆବଶ୍ୟକ ପାଣି ବାହାରୁ ନ ଥିବା ବେଳେ ଯାହାବି ଅଛି ସେଥିରୁ ଦୂଷିତ ଜଳ ବାହାରୁଛି ଯାହା ପିଇବା ଅନୁପଯୋଗୀ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଯାହା ଫଳରେ ଗ୍ରାମର ଶତାଧିକ ମହିଳା ଯାଇ ପ୍ରକଳ୍ପ ନିକଟରେ ହୋହଲ୍ଲା କରିଥିଲେ। ପ୍ରକଳ୍ପ ରେ ପାଣି ଅଛି କି ନାହିଁ ତାହା ଦେଖିବା ପାଇଁ ଜଳ ଯୋଗାଣ କର୍ମଚାରୀକୁ ଡାକି ପ୍ରକଳ୍ପ ତାଲା ଖୋଲିବା ପାଇଁ ଜିଦ ଧରିବସିଥିଲେ। ପରେ କର୍ମଚାରୀ ଜଣକ ତାଲା ଖୋଲି ଥିଲେ। ପ୍ରକାଶ ଯୋଗ୍ୟ ଯେ, ଗୋଡାଳ ପଞ୍ଚାୟତର ଗୋଡାଳ ଗାଁ ସମେତ ମହଗାଁ, କୋଟାମାଳ, ବ୍ରାହ୍ମଣପଡ଼ା ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ପାଇଁ ସିନାପାଲି ସ୍ଥିତ ଉଦନ୍ତୀ ନଦୀରେ ପମ୍ପ ହାଉସ ରହିଥିବା ବେଳେ ଗୋଡାଳ ଗ୍ରାମରେ ଟ୍ୟାଙ୍କ ବସିଛି। ଉକ୍ତ ଗାଁ ଗୁଡ଼ିକକୁ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ହେଲେ ମାସମାସ ଧରି ବିଭିନ୍ନ ବାହାନା ଦେଖାଇ ଜଳଯୋଗାଣ ବନ୍ଦ ରହିଥିବା ବେଳେ ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଦୃଷ୍ଟି ନ ଦେଇ ଚୁପ ହୋଇ ରହିଛନ୍ତି। ଫଳରେ ପାନୀୟ ଜଳ ଯୋଗାଣ ନ ହେଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



### ସାମ୍ବାଦିକଙ୍କୁ ପେନସନ, ସୁରକ୍ଷା ଦାବି

## ଜିଲ୍ଲାପାଳଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର

**ଭବାନୀପାଟଣା, ୨।୫ (ସମିସ):** ସରକାର ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଅର୍ଥାତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଲଗାତାର ଅଣଦେଖା କରିବା ପ୍ରତିବାଦରେ ଆଜି ସାରା ରାଜ୍ୟରେ ତାତି ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଜିଲ୍ଲାପାଳଙ୍କୁ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ସାମ୍ବାଦିକ ୟୁନିୟନର ଆହ୍ୱାନକ୍ରମେ କଳାହାଣ୍ଡି ସାମ୍ବାଦିକ ୟୁନିୟନର କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ, ସାଧାରଣ ସମ୍ପାଦକ ସନ୍ତୋଷ ସିଂଦେଓଙ୍କ ନେତୃତ୍ୱରେ ଶୋଭାଯାତ୍ରା ପରେ ଜିଲ୍ଲାପାଳ ସଚିନ ପାୱାରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଲଳିତ କାନୁନଗୋ, ଦେବେନ୍ଦ୍ର ବିଶି, ଅଜିତ ସିଂଙ୍କ ସହିତ ସଙ୍ଘର ଉପସଭାପତି ମନମୋହନ ପ୍ରଧାନ, ଗଜିନ୍ଦ୍ର ସାହୁ, ସଂଗଠନ ସମ୍ପାଦକ ଅଂଶୁମାନ ପାତ୍ର, ସମ୍ପାଦକ ରାଜକୁମାର ସିଂଦେଓ, ଶିବାନନ୍ଦ ନାୟକ, ବିକାଶ ଖେମକା, ବିକାଶ ଷଡ଼ଙ୍ଗୀ, ଶୁଭମ ରୋହିଲା, ଭଜଶ୍ୟାମ ସାହୁ, କ୍ଷମାନିଧି ମହାଖୁଡ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ କୈଳାସ ସାହୁ, ଖଗେଶ୍ୱର ଧଙ୍ଗଡ଼ା ମାଝୀ, ସୁଶୀଲ କୁମାର ବାଗ, ସନ୍ତୋଷ ତୁଳ, ରମେଶ ନାୟକ, ଗୋପାଳଦାସ ମହାନନ୍ଦଙ୍କ ସହିତ ଜିଲ୍ଲାର ବିଭିନ୍ନ ବ୍ଲକରୁ ସାମ୍ବାଦିକମାନେ ସାମିଲ ହୋଇଥିଲେ।




### ଫେରାର ପରେ ବି କରିଥିଲା ୪ ବାଇକ୍ ଚୋରି

## ଜେଲରୁ ଫେରାର କଏଦୀ ଧରା ପଡ଼ିଲା



**ଭବାନୀପାଟଣା, ୨।୫ (ସମିସ):** ଭବାନୀପାଟଣାସ୍ଥିତ ଜିଲ୍ଲା କାରାଗାରର ପାଚେରି ଡେଇଁ ଗତ ୨୨ ତାରିଖ ବିଳମ୍ବିତ ରାତିରେ ଜଗନ୍ନାଥ ଶବର ନାମକ ଜଣେ ବିଚାରାଧୀନ କଏଦୀ ଜେଲ କାନ୍ଥ ଡେଇଁ ଫେରାର ହୋଇ ଯାଇଥିଲେ। ଏନେଇ ଜେଲ ଅଧିକ୍ଷକ ସରୋଜ କୁମାର ବିଶ୍ୱାଳ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଟାଉନ ଥାନା ପୁଲିସ ମାମଲା ନଂ (୧୫୪/୨୬)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଭବାନୀପାଟଣା ଟାଉନ ଥାନା ଅଞ୍ଚଳରେ ଗତ ୩୦ ତାରିଖ ବିଳମ୍ବିତ ରାତ୍ରିରେ ବାଇକ୍ ଚୋରି କରୁ ଥିବାବେଳେ ଅଭିଯୁକ୍ତ ଜଗନ୍ନାଥ ପୁଲିସ ହାବୁଡ଼ରେ ପଡ଼ିଥିଲା। ତେବେ ଜେଲରୁ ଫେରାର ପରେ ଗୋଟିଏ ରାତିରେ ୩ ଟି ବାଇକ୍ ଓ ଗୋଟିଏ ସ୍କୁଟି ଚୋରି କରିଥିଲା। ତେବେ ପାଞ୍ଚ ନମ୍ବର ବାଇକ୍ ଚୋରି କରୁଥିବା ବେଳେ ପୁଲିସ ହାତରେ ଧରା ପଡ଼ିଯାଇଥିଲା। ତେବେ ବାଇକ୍ ଚୋରି କରି ଚୋର ଜଗନ୍ନାଥକୁ ଖୁସି ମିଳୁଥିଲା। ଜେଲରୁ ଖସି ଯିବା ସମ୍ପର୍କରେ ସେ କହିଥିଲା ଯେ ପ୍ରଥମେ ନିଜେ ରହୁଥିବା ସେଲର ଚାବି ତାଡି ବାହାରକୁ ବାହାରିଥିଲା। ଦୁଇଟି ଗାମୁଛା ସାହାରାରେ ଖସିବାକୁ ଚେଷ୍ଟାକରି ବିଫଳ ହେଲା। ଶେଷରେ କାର୍ପେଣ୍ଟର ଘର ଚାବି ଭାଙ୍ଗି ସେଠାରେ ଥିବା ୧୫ଫୁଟ ଉଚ୍ଚତାର ସିଡି ସାହାଯ୍ୟରେ ପାଚେରି ଡେଇଁ ଫେରାର ମାରିଥିଲା। ପୁଲିସ ୩ ଟି ବାଇକ୍ ଓ ସ୍କୁଟିକୁ ଜବତ କରିଛି। ଏହାକୁ ନେଇ ଅଭିଯୁକ୍ତ ଜଗନ୍ନାଥଙ୍କ ନାମରେ ଟାଉନ ଥାନାରେ ୪ ଟି ପୃଥକ ମାମଲା ରୁଜୁ ହୋଇଛି। ସେହିପରି ଟାଉନ ଥାନା ପୁଲିସ ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏହି ପେଷାଦାର ବାଇକ୍ ଚୋର ନାଁରେ ପୂର୍ବର ଏବଂ ବର୍ତ୍ତମାନ ମିଶି ୧୨ଟିକେସ ଅଛି। ଏ ନେଇ ଭବାନୀପାଟଣା ସଦର ଏସ୍‌ଡିପିଓ ନରେଶ ପ୍ରଧାନ ଓ ଟାଉନ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ପ୍ରକାଶ କରିଛନ୍ତି।

# ଅନ୍ତର୍ଜାତୀୟ ଶ୍ରମିକ ଦିବସ

## ୪୮୫ ଜଣଙ୍କୁ ୪, ୭୩, ୪୪, ୮ଶହ ଟଙ୍କାର ସହାୟତା ରାଶି ପ୍ରଦାନ




**ଭବାନୀପାଟଣା,୨।୫(ସମିସ)**

ଭବାନୀପାଟଣା ଟାଉନ୍ ହଲ୍‌ରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଓ ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ ଅଧୀନରେ ଯୋଗ୍ୟ ବିବେଚିତ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରାଗଲା। ଶିବିରରେ ମୁଖ୍ୟ ଅତିଥି ଭାବେ ସଭାପତି ଜିଲ୍ଲାପରିଷଦ କଳାହାଣ୍ଡି, ପୁଷ୍ପେନ୍ଦ୍ର ସିଂ ଦେଓ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଲୋକସଭା ସାଂସଦ କଳାହାଣ୍ଡିଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ବିଧାୟକ ଧର୍ମଗଡ଼ଙ୍କ ପ୍ରତିନିଧି ନରହରି ପଟ୍ଟନାୟକ, ପ୍ରଭାଗୀୟ ଶ୍ରମଆୟୁକ୍ତ କଳାହାଣ୍ଡି ପରିମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ରଶ୍ମିତା ନାୟକ ସମସ୍ତ ଶିବିରକୁ ସ୍ୱାଗତ ଭାଷଣ ସହିତ ସଭାକୁ ସମ୍ବୋଧିତ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ଜିତମ ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ସହାୟତା ରାଶି ଯଥା- ୧୩୩ଙ୍କୁ ବିବାହ ସହାୟତା ରାଶି, ୧୨୧ଙ୍କୁ ମୃତ୍ୟୁ ସହାୟତା ରାଶି, ୧୫୫ଙ୍କୁ ଅନ୍ତ୍ୟେଷ୍ଟିକାଳୀନ ସହାୟତା, ୧୯ଙ୍କୁ ଶିକ୍ଷା ସହାୟତା ରାଶି, ୫୭ଙ୍କୁ ମାତୃତ୍ୱ ସହାୟତା ରାଶି, ମୋଟ ୪, ୭୩, ୪୪, ୮ଶହ ଟଙ୍କାର ସହାୟତା ରାଶି ୪୮୫ ଜଣ ନିର୍ମାଣ ଶ୍ରମିକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ୨୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ୪୦ ଜଣ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

## ୩୯୩ ଶ୍ରମିକଙ୍କୁ୨.୯୪କୋଟି ଟଙ୍କା ସହାୟତା

**ନୂଆପଡ଼ା, ୨।୫(ସମିସ):** ନୂଆପଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ ସ୍ଥାନୀୟ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଟାନୱାଟରେ ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଶ୍ରମିକମାନଙ୍କ ଉନ୍ନତି ପାଇଁ ସରକାରଙ୍କ ଯୋଜନା ବିଷୟରେ ଅବଗତ କରାଇଥିଲେ। ଖରିଆରରୋଡ ଏନ୍ଏସି ଅଧକ୍ଷା ଡ.ସୋନିଆ ଜୈନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନୂଆପଡ଼ା ବିଧାୟକ ଜୟ ଢୋଲକିଆଙ୍କ ପ୍ରତିନିଧି ତଥା ତାଙ୍କ ପତ୍ନୀ ସୁମନ ଢୋଲକିଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବାର୍ଲା ଓ ଟାନୱାଟ ସରପଞ୍ଚ ଜୟରାମ ସତନାମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶିନୀ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଅଲୋକପାତ କରିଥିଲେ।ଏହି ଅବସରରେ ବିଭିନ୍ନ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ମୋଟ ୩୯୩ ଜଣ ହିତାଧିକାରୀଙ୍କୁ ୨, ୯୪, ୩୬, ୨୦୦ ଟଙ୍କା ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା। ମୃତ୍ୟୁ କାଳୀନ ସହାୟତା ଅଧୀନରେ ୭୩ ଜଣଙ୍କୁ ୨, ୧୭, ୦୦, ୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ବେଳେ ଶବଦାହ ସହାୟତାରେ ୭୧ ଜଣଙ୍କୁ ୩, ୫୫, ୦୦୦ ଟଙ୍କା, ଶିକ୍ଷା ସହାୟତାରେ ୭୨ ଜଣଙ୍କୁ ୫, ୭୧, ୨୦୦ ଟଙ୍କା, ବିବାହ ସହାୟତାରେ ୧୨୬ ଜଣଙ୍କୁ ୬୩, ୦୦, ୦୦୦ ଟଙ୍କା ଏବଂ ମାତୃତ୍ୱ ସହାୟତାରେ ୫୧ ଜଣଙ୍କୁ ୫, ୧୦, ୦୦୦ଟଙ୍କା ପ୍ରଦାନ କରାଯାଇଥିଲା।ଶେଷରେ ଗ୍ରାମୀଣ ଶ୍ରମ ନିରୀକ୍ଷକ ଜୟନ୍ତ କୁମାର ପଣ୍ଡା ଧନ୍ୟବାଦ ଜଣାଇଥିଲେ।



**ଥୁଆମୂଳରାମପୁର:** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକରେ ମା'ମାଣିକେଶ୍ୱରୀ ରାଜ ମିସ୍ତ୍ରୀ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜେଏମ୍ଏଫ୍‌ସି ବିଚାରପତି ଡ଼ଃ ତାରିଣୀ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କର ଅବଦାନ ସମାଜ ଗଠନରେ କେତେ ଗୁରୁତ୍ୱପୂର୍ଣ୍ଣ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଏମ୍ଏମ୍ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ଉପସ୍ଥିତ ରହି ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା, ନ୍ୟାୟସଂଗତ ଦରମା ଓ ସମ୍ମାନ ପ୍ରଦାନ ଉପରେ ଜୋର ଦେଇଥିଲେ। ସେ ଶ୍ରମିକମାନଙ୍କୁ ସଂଘବଦ୍ଧ ହୋଇ ନିଜ ଅଧିକାର ପାଇଁ ସଚେତନ ହେବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ମାଣିକ୍ୟ ଚନ୍ଦ୍ର ନାଏକ ଓ ଆଇନଜୀବୀ ମନୋରଞ୍ଜନ ନାଏକ, କୃଷ୍ଣ ଚନ୍ଦ୍ର ନାଏକ ମଧ୍ୟ ଯୋଗଦେଇ ଶ୍ରମିକମାନଙ୍କ ସମସ୍ୟା ଓ ସମାଧାନ ସମ୍ବନ୍ଧରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କୁ ସମ୍ମାନିତ କରାଯାଇଥିବା ସହ ତାଙ୍କର କଲ୍ୟାଣ ନିମନ୍ତେ ବିଭିନ୍ନ ପଦକ୍ଷେପ ନେବା ପାଇଁ ସଂଘ ପକ୍ଷରୁ ଆଶ୍ୱାସନ ଦିଆଯାଇଥିଲା। ବ୍ଲକ ରାଜ ମିସ୍ତ୍ରୀ ସଂଘ ର ସଭାପତି ଗୋବିନ୍ଦ ନାଏକ, ସମ୍ପାଦକ ଅଭିମନ୍ୟୁ ଖର୍ସେଲଙ୍କ ସମେତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂଘର ପଦାଧିକାରୀମାନେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ବିର ବଜରଙ୍ଗ ନାଏକ ପରିଚାଳନା କରିଥିଲେ।



**ଗୋଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବରିଷ୍ଠ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ଙ୍କ ନିଆରା ଢଙ୍ଗରେ ଶ୍ରମିକ ଦିବସ ପାଳନ କରିଥିବା ଦେଖିବାକୁ ମିଳିଛି।ଶ୍ରମିକମାନଙ୍କ ତ୍ୟାଗ ଓ ପରିଶ୍ରମକୁ ସମ୍ମାନ ଜଣାଇ ନିଜେ ଗୋଲାମୁଣ୍ଡାର ନର୍ସରୀକୁ ଯାଇ ନର୍ସରୀରେ କାମ କରୁଥିବା ଶ୍ରମିକଙ୍କୁ ପାଣି ବୋତଲ ବିସ୍କୁଟ, ଗାମୁଛା, ଶାଢ଼ୀ, ଡ୍ରେସ ଦେଇଉତ୍ସାହିତ କରିଥିଲେ। ଅଂଶୁଘାତରେ କିଭଳି ସୁରକ୍ଷା ରହିବେ ସଚେତନା କରିଥିଲେ। ତାଙ୍କ କାର୍ଯ୍ୟକୁ ଶ୍ରମିକମାନେ ଧନ୍ୟବାଦ୍ ଦେବା ସହ ପ୍ରଶଂସା କରିଥିଲେ।

# ଚିନ୍ମୟ ଓ ମଧୁସୂଦନ ଶିକ୍ଷା ନିବାସ ଛାତ୍ରଛାତ୍ରୀଙ୍କ କମାଲ୍

## ଜିଜ୍ଞା ନାୟକ ରାଉରକେଲା ଟପ୍ପର

**ରାଉରକେଲା, ୨।୫ (ସମିସ):** ଆଜି ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ରାଉରକେଲା ସହର ବା ବିଶ୍ରା ବ୍ଲକ ଟପ୍ପର ହୋଇଛନ୍ତି ରାଉରକେଲା ସେକ୍ଟର - ୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଜିଜ୍ଞା ନାୟକ। ମୋଟ ୫୬୭ ମାର୍କ ରଖି ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ସ୍କୁଲ ଏବଂ ସହର ପାଇଁ ଗୌରବ ଆଣିଛନ୍ତି। ଉକ୍ତ ସ୍କୁଲର ୨୨୭ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ଶତ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ










ହୋଇଛନ୍ତି। ବିଦ୍ୟାମନ୍ଦିରର ଛାତ୍ରୀ ଜିଜ୍ଞା ନାୟକ ୫୬୭, ଆୟୁଷ ମାହାତୋ, ସ୍ୱାତୀ ଧନଓ୍ୱାର, ସିମରନ୍ ମିଶ୍ର ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏହି ବିଦ୍ୟାମନ୍ଦିରେ ଏ-୧ ଗ୍ରେଡରେ ୪ ଜଣ, ଏ-୨ ଗ୍ରେଡରେ ୧୭, ବି-୧ ଗ୍ରେଡରେ ୫୧, ବି - ୨ ରେ ୬୨, ସି ଗ୍ରେଡରେ ୭୦, ଡି ଗ୍ରେଡରେ ୨୧ ଏବଂ ଇ ଗ୍ରେଡରେ ୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେପଟେ ରାଉରକେଲା ସେକ୍ଟର - ୭ ଚିନ୍ମୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ କମାଲ କରିଛନ୍ତି। ବିଦ୍ୟାଳୟର ମୋଟ ୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ଶତ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ ଗ୍ରେଡ୍‌ରେ ୪ ଜଣ, ଏ-୨ ଗ୍ରେଡ୍‌ରେ ୭ ଜଣ, ବି-୧ ଗ୍ରେଡ୍‌ରେ ୧୧ ଜଣ, ବି-୨ ଗ୍ରେଡରେ ୨୦ ଜଣ, ସି ଗ୍ରେଡ୍‌ରେ ୨୬, ଡି ଗ୍ରେଡରେ ୧୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟର ଛାତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ୫୫୬ ମାର୍କ ରଖିଥିବା ବେଳେ ୯୨.୬୬ ପ୍ରତିଶତ ସଫଳତା ହାସଲ କରିଛନ୍ତି। ସେହିଭଳି ପ୍ରତିଭା ତ୍ରିପାଠୀ ୫୫୧, (୯୧.୮୩ ପ୍ରତିଶତ), ଜୀବନ କୁମାର ବେହେରା ୫୪୪, (୯୦.୬୬ ପ୍ରତିଶତ), ସୁବ୍ରତ ହାନହାଗା (୫୪୦, ୯୦) ପ୍ରତିଶତ ମାର୍କ ରଖି ସଫଳତା ହାସଲ କରିଛନ୍ତି। ସେହିପରି ସହରର ଅନ୍ୟତମ ବିଦ୍ୟାଳୟ ସେକ୍ଟର - ୧୭ ମଧୁସୂଦନ ଶିକ୍ଷା ନିବେସର ଛାତ୍ରଛାତ୍ରୀ ମାନେ ମଧ୍ୟ କୌଣସି ଗୁଣରେ ପଛରେ ନାହାନ୍ତି। ଶିକ୍ଷା ନିବାସର ମୋଟ ୨୪୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲାବେଳେ ଶତ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ୩ ଜଣ, ଏ-୨ ଗ୍ରେଡରେ ୧୬ ଜଣ, ବି-୧ ଗ୍ରେଡରେ ୩୬ ଜଣ, ବି-୨ ଗ୍ରେଡରେ ୬୬ ଜଣ, ସି ଗ୍ରେଡରେ ୬୦, ଡି ଗ୍ରେଡରେ ୬୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟର ଛାତ୍ର ଅନନ୍ତ ମାଝୀ ୫୬୩ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଅଙ୍କିତ ଓରାମ ୫୪୪ ନମ୍ବର ରଖି ଦ୍ୱିତୀୟ ଏବଂ ଶାଳିନୀ ପୋଥାଳ ୫୪୨ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିବା ସହ ଶିକ୍ଷା ନିବାସର ଗୌରବ ବୃଦ୍ଧି କରିଛନ୍ତି। ସେହିପରି ସହରର ଅନ୍ୟତମ ବିଦ୍ୟାଳୟ ସେକ୍ଟର - ୩ ବାଜି ରାଉତ ଶିକ୍ଷା ନିକେତନର ମୋଟ ୭୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ଶତ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ଜଣେ, ଏ-୨ ଗ୍ରେଡରେ ୯ ଜଣ, ବି-୧ରେ ୯ ଜଣ, ବି-୨ ଗ୍ରେଡରେ ୨୩ ଜଣ, ସି ଗ୍ରେଡରେ ୧୬, ଡି ଗ୍ରେଡରେ ୧୦ ଜଣ ଏବଂ ଇ ଗ୍ରେଡରେ ୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟର ଛାତ୍ର ଅସିତ କୁମାର ଦାସ ୫୫୧ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିବା ସହ ଶିକ୍ଷା ନିବାସର ଗୌରବ ବୃଦ୍ଧି କରିଛନ୍ତି।

## ମାଟ୍ରିକ ରେଜଲ୍ଟ

# ସୁନ୍ଦରଗଡ଼ରେ ୯୭.୪୮ ପ୍ରତିଶତ ଫଳାଫଳ; ସୁଜିତ ଟିଗା ଜିଲ୍ଲା ଟପ୍ପର

**ରାଉରକେଲା, ୨।୫(ସମିସ)**

ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲ୍ଲାରେ ୯୭. ୪୮ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କୁତ୍ରା ସରକାରୀ ହାଇସ୍କୁଲର ଛାତ୍ର ସୁଜିତ ଟିଗା ୫୭୫ ନମ୍ବର ରଖି ଏ-୧ ଗ୍ରେଡ୍ ହାସଲ କରିବା ସହ ସୁନ୍ଦରଗଡ଼ ଜିଲ୍ଲାର ଟପ୍ପର ହୋଇଥିବା ଜଣାପଡ଼ିଛି। ସେହିପରି କୁତ୍ରା ହାଇସ୍କୁଲର ଛାତ୍ରୀ ସେଲମଙ୍ଗ ଲୁଗୁନ୍ ୫୭୩ ମାର୍କ ରଖି ଏ-୧ ଗ୍ରେଡ୍ ହାସଲ କରିବା ସହ ଜିଲ୍ଲାରେ ଦ୍ୱିତୀୟ ଟପ୍ପର ଏବଂ ରାଉରକେଲା ସେକ୍ଟର - ୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଜିଜ୍ଞା ନାୟକ ଏବଂ ବୀରମିତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସୁମନ ପଣ୍ଡା ୫୬୭ ମାର୍କ ରଖି ଏ-୧ ଗ୍ରେଡ୍ ହାସଲ କରିବା ସହ ଜିଲ୍ଲାରେ ଯୁଗ୍ମ ତୃତୀୟ ଟପ୍ପର ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲାରେ ୨୩, ୮୩୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୩, ୫୭୧ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ୨୨୯୭୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୯୭.୪୮ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମୋଟ ୫୬ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ-୨ ଗ୍ରେଡ୍ ରେ ୩୨୬ ଜଣ, ବି-୧ ଗ୍ରେଡ୍‌ରେ ୧୦୯୪ ଜଣ, ବି-୨ ଗ୍ରେଡ୍ ରେ ୨୮୨୯ ଜଣ, ସି ଗ୍ରେଡ୍‌ରେ ୫୬୫୨ ଜଣ, ଡି ଗ୍ରେଡ୍‌ରେ ୭୬୦୪ ଜଣ, ଇ ଗ୍ରେଡ୍‌ରେ ୫୪୧୫ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ସୂଚନା ମିଳିଛି। ତେବେ ୫୯୫ ଜଣ ଛାତ୍ରଛାତ୍ରୀ ଫେଲ ହୋଇଥିବା ବେଳେ କେହି ବି ଜଣେ ଏମ୍‌ପି ହୋଇ ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ କୁତ୍ରା ହାଇସ୍କୁଲର ଛାତ୍ରଛାତ୍ରୀମାନେ ଚଳିତ ମାଟ୍ରିକ ପରୀକ୍ଷାରେ ଖୁବ୍ ଭଲ ପରିଦର୍ଶନ କରିଛନ୍ତି। ଏ-୧ ଗ୍ରେଡ୍ ହାସଲ କରିଥିବା ଜିଲ୍ଲାର ମୋଟ ୫୬


ସୁଜିତ ଟିଗା - ପ୍ରଥମ


ସେଲମଙ୍ଗ ଲୁଗୁନ୍ - ଦ୍ୱିତୀୟ


ଜିଜ୍ଞା ନାୟକ - ତୃତୀୟ

## ୫୬ ଜଣ ଏ-୧ରେ, ଏ-୨ରେ ୩୨୬ ଜଣ ଉତ୍ତୀର୍ଣ୍ଣ

ଜଣଙ୍କ ମଧ୍ୟରୁ ମୋଟ ୨୫ ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ସୁଜିତ ଟିଗା ୫୭୫, ସେଲମଙ୍ଗ ଲୁଗୁନ ୫୭୩, ନିକିତା ଏକ୍କା ୫୬୩, ଶିଳ୍ପା ଟପ୍ପୋ ୫୫୬, ଲକି ନାୟକ ୫୫୩, ଦୀପାଂଜଳି ବାର୍ଲା ଓ ପାର୍ବତୀ ବୀରୁ ୫୫୧, ମହିମା ଏକ୍କା ୫୫୦, ଜ୍ୟୋତି ପ୍ରକାଶ କିରୋ ୫୪୯, ସରୁନ କିଷାନ ୫୪୭, ସପନାରାଣୀ ଟପ୍ପୋ ୫୪୬, ଅଞ୍ଜନା ମାଝୀ ୫୪୫, ସୌମ୍ୟରଞ୍ଜନ ଟେଟେ ୫୪୪, ଆଦେଶ ଲୁଗୁନ ଓ କେଶବ କୁମାର ଲାକ୍ରା ୫୪୩, ପ୍ରିୟମ୍ବଦା ବାନଛୋର, ଆଲେକ୍ସ ଧନଓ୍ୱାର, ଅଶିତ୍ ଲାକ୍ରା, ବାଦଲ କୁଜୁର, ସୁମିତ ଲାକ୍ରା, ତପନ ଟପ୍ପୋ, ଶିବ ମାଝୀ, ରୋହିତ ସୁରିନ୍, ସୋନୁ ମିଞ୍ଜ, ଦିବ୍ୟା ଜୟପୁରିଆ ୫୪୦, ନମ୍ବର ରଖି ଏ-୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେହିପରି ରାଉରକେଲା ସେକ୍ଟର - ୭ ଚିନ୍ମୟ ବିଦ୍ୟାଳୟର ୪ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ସ୍ୱର୍ଣ୍ଣପ୍ରଭା ସାହୁ ୫୫୬, ପ୍ରତିଭା ତ୍ରିପାଠୀ ୫୫୧, ଜୀବନ କୁମାର ବେହେରା ୫୪୪ ଏବଂ ସୁବ୍ରତ କୁମାର ହାନହାଗା ୫୪୦। ସେହିପରି ରାଉରକେଲା ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜିଜ୍ଞା ନାୟକ ୫୬୭, ଆୟୁଷ ମାହାତୋ, ସ୍ୱାତୀ ଧନୱାର, ସିମରନ୍ ମିଶ୍ର ୫୪୦ ନମ୍ବର ରଖି ୪ ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେହିପରି ରାଉରକେଲା ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜିଜ୍ଞା ନାୟକ ୫୬୭, ଆୟୁଷ ମାହାତୋ, ସ୍ୱାତୀ ଧନୱାର, ସିମରନ୍ ମିଶ୍ର ୫୪୦ ନମ୍ବର ରଖି ୪ ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ରାଉରକେଲା ସେକ୍ଟର - ୧୭ ମଧୁସୂଦନ ଶିକ୍ଷା ନିବାସର ୩ ଜଣ ଏ-୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ଅନନ୍ତ କୁମାର ମାଝୀ ୫୬୩, ଅଙ୍କିତ ଓରାମ ୫୪୪ ମାର୍କ ରଖି ଏ-୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବୀରମିତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ସୁମନ ପଣ୍ଡା ୫୬୭, ଲିପ୍ସା ଘୋଷ ୫୫୨ ନମ୍ବର ରଖି ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବଡ଼ଗାଁ ସରକାରୀ ହାଇସ୍କୁଲର ଛାତ୍ରୀ ଦିପୀକା ବେହେରା ୫୫୪, ରାଉରକେଲା ସେକ୍ଟର - ୩ ବାଜିରାଉତ ଶିକ୍ଷା ନିକେତନର ଛାତ୍ର ଅସିତ କୁମାର ଦାସ ୫୫୧, ରାଉରକେଲା ଶିବାଜୀମାର୍ଗ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ର ପ୍ରିତମ ପଣ୍ଡା ୫୫୧, ସୁନ୍ଦରଗଡ଼ ଡେଙ୍ଗିବାଡି ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଅନୁଷ୍କା ଶର୍ମା ଓ ସୁଶୀଲ କୁମାର ଶୁକ୍ଳା ୫୪୦, କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଶୁତୋଷ ପଣ୍ଡା ୫୪୧ ଓ ଆୟୁଶ୍ରୀ ପାଲ ୫୪୦, ଦୀପିକା ଇସ୍ପାତ ଶିକ୍ଷା ସଦନ ସେକ୍ଟର - ୧୮ର କେଶବାନନ୍ଦ ସ୍ୱାଇଁ ୫୪୦, ଜେମମଣି ହାଇସ୍କୁଲ ବନ୍ଧାଭୂଇଁ ସୌମ୍ୟରଞ୍ଜନ ମିଶ୍ର ୫୪୦, ଜଗଦା ପ୍ରଗତି ବିଦ୍ୟା ମନ୍ଦିର ଅଭିରୂପ ଦାସ ଓ ଶୁଭଙ୍କର ସୂତାର ୫୪୦, ସୁନ୍ଦରଗଡ଼ ସେଣ୍ଟମେରୀ ହାଇସ୍କୁଲର ଛାତ୍ରୀ ଜିଲାବତୀ ନାୟକ ୫୪୦, ସୁରୁଗୁଡା ଛଟେନପାଲି ଜିପି ହାଇସ୍କୁଲର ମନୀଷ କୁମାର ସାହୁ ଓ ଆଦର୍ଶ ମାହାତୋ ୫୪୦, ବାଲିଯୋଡି ଫକୀରମୋହନ ନୋଡାଲ ବିଦ୍ୟାପୀଠର ଛାତ୍ର ଆକାଶ ମାହାନ୍ତ ୫୪୦, ତୁଡାଲଗା ସରକାରୀ ହାଇସ୍କୁଲର ଛାତ୍ରୀ ରେଶ୍ମା ଖଡ଼ିଆ ୫୪୦ ଏବଂ ବିହାବନ୍ଧ ଲାଂଜିବେର୍ଣ୍ଣା ଶ୍ରମିକ ହାଇସ୍କୁଲର ଛାତ୍ରୀ ୫୪୦ ନମ୍ବର ରଖି ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହେବା ସହ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

# ସୌମ୍ୟ ରଞ୍ଜନ ମିଶ୍ର ଉପଖଣ୍ଡସ୍ତରୀୟ ଟପ୍ପର

**ବଣାଇଁ, ୨।୫(ସମିସ):** ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ବଣାଇଁ ବ୍ଲକ ଅଧୀନସ୍ଥ ୨୧ ଟି ହାଇସ୍କୁଲର ୧୧୧୯ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ମ୍ୟାଟ୍ରିକ ପରୀକ୍ଷା ଦେଇଥିବାବେଳେ ଶତ ପ୍ରତିଶତ ଫଳାଫଳ ସତ୍ତ୍ୱେ ବଣାଇଁ ବ୍ଲକରେ ବନ୍ଧାଭୂଇଁ ହାଇସ୍କୁଲ ଛାତ୍ର ସୌମ୍ୟ ରଞ୍ଜନ ମିଶ୍ର ୫୪୦ ନମ୍ବର ରଖି ପ୍ରଥମ ସ୍ଥାନରେ ଅଛନ୍ତି। ଇ-୨ରେ ୧୬ ଜଣ, ଇ-୧ ରେ ୩୪, ଇ-୨ରେ ୮୭, ଉରେ ୨୩୫, ଉ-ରେ ୩୬୮, ର ରେ ୩୪୦ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ୩୮ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। ବଣାଇଁ ବ୍ଲକରେ ଶତକଡା ୯୬.୦୬ପ୍ରତିଶତ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ବଡ଼ ଗୋଗୁଆ ହାଇସ୍କୁଲର ଛାତ୍ରଛାତ୍ରୀ ଚଳିତଶିକ୍ଷା ବର୍ଷରେ ପଛରେ ପଡ଼ିଯାଇଛନ୍ତି।

# ରାଉରକେଲାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

**ରାଉରକେଲା, ୨।୫ (ସମିସ):** ରାଉରକେଲା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ନେତାଜୀ ସୁଭାଷ ପ୍ରେକ୍ଷାଳୟ ପରିସରରେ ସୁନ୍ଦରଗଡ଼ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲାର ବିଧାୟକ ଶାରଦା ପ୍ରସାଦ ନାୟକ ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କର ପ୍ରତିନିଧି ସୁରେଶ ପଟେଲ, ତଳସରା ବିଧାୟକ ତଥା ଉପବାଚସ୍ପତି, ବିଧାନସଭା, ଓଡ଼ିଶା ଭବାନୀ ଶଙ୍କର ଭୋଇଙ୍କ ପ୍ରତିନିଧି ଲତିକା ପଟ୍ଟନାୟକ, ରଘୁନାଥପାଲ୍ଲୀ ବିଧାୟକ ତଥା ଅଧ୍ୟକ୍ଷ ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ ଦୁର୍ଗାଚରଣ ତନ୍ତୀଙ୍କ ପ୍ରତିନିଧି ନିରଞ୍ଜନ ପଟେଲ ଯୋଗ ଦେଇଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁନୀତା କିଷାନ୍ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ସହାୟତା ରାଶି ବଣ୍ଟନ କରାଯାଇଥିଲା। ଏତଦ୍ ବ୍ୟତୀତ ୨୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଆ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୨ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ନିମିତ୍ତ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସର୍ବମୋଟ ୬୦୦ ଜଣ ନିର୍ମାଣ ଏବଂ ଅଣସଂଗଠିତ ଶ୍ରମିକ, ଟ୍ରେଡ ୟୁନିଅନ ର କର୍ମକର୍ତ୍ତା ଓ ସୁନ୍ଦରଗଡ଼ ଶ୍ରମ କାର୍ଯ୍ୟାଳୟର ସମସ୍ତ ସଦସ୍ୟ ଉପସ୍ଥିତି ଥିଲେ।

## ପଶ୍ଚିମାଞ୍ଚଳ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବ

# କେନ୍ଦୁଝରର ଏସ୍‌ପିଙ୍କ ସମେତ ୭ ଜଣଙ୍କୁ ପଦକ ପ୍ରଦାନ

**ରାଉରକେଲ, ୨।୫(ସମିସ):** ରାଉରକେଲାର ସିଭିକ୍ ସେଣ୍ଟରଠାରେ ପଶ୍ଚିମାଞ୍ଚଳ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପଶ୍ଚିମାଞ୍ଚଳ ପୁଲିସ ରେଞ୍ଜ ଅଧୀନସ୍ଥ ରାଉରକେଲା, କେନ୍ଦୁଝର ଓ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ପୁଲିସ୍ ବାହିନୀରେ ପୁଲିସ ସେବାରେ ସମର୍ପିତ ତଥା ନିଷ୍ଠାପର କାର୍ଯ୍ୟପାଇଁ ୭ ଜଣଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ କରିଥିଲେ। ଏହି ଅବସରରେ କେନ୍ଦୁଝର ଏସ୍‌ପି କୁଶଲକର ନିତିନ୍ ଦାଗଡୁଙ୍କ ସମେତ କେନ୍ଦୁଝର ପୁଲିସ ଜିଲ୍ଲାର ଇନ୍ସପେକ୍ଟର ଅଶୋକ କୁମାର ନାୟକ, ରାଉରକେଲା ପୁଲିସର ଇନ୍ସପେକ୍ଟର ଅଶୋକ କୁମାର ବେହେରା, ସୁନ୍ଦରଗଡ଼ ପୁଲିସର ଭାବଗ୍ରାହୀ ଜେନା, କେନ୍ଦୁଝର ପୁଲିସର କନଷ୍ଟେବଳ

### ସହିଦ ପରିବାର ବି ହେଲେ ସମ୍ମାନିତ



ଆକାଶ କୁମାର ସାହୁ ଏବଂ ରାଉରକେଲା ଓଏସ୍‌ଏପି ଚତୁର୍ଥ ବାଟାଲିଅନର ଜେମସ୍ ମୁଣ୍ଡାଙ୍କୁ ସେମାନଙ୍କ କର୍ତ୍ତବ୍ୟନିଷ୍ଠ ପୁଲିସ ସେବା ପାଇଁ ଡିଜିପି ପୁଲିସ୍ ପଦକ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ସ୍ୱାଗତଭାଷଣ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ଡିଆଇଜି ଶ୍ରୀ ରାଏ ସ୍ମାରକୀ ପ୍ରଦାନ କରି ସମ୍ମାନିତ କରିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର, କେନ୍ଦୁଝର ଏସ୍‌ପି କୁଶଲକର ନିତିନ୍ ଦାଗଡୁ, କେନ୍ଦୁଝର ଏଏସ୍‌ପି ଶୁଭସ୍ନିଗ୍ଧା ସେଠୀ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲା ସରକାରୀ ମହାବିଦ୍ୟାଳୟ ଏବଂ ମ୍ୟୁନିସିପାଲ ମହାବିଦ୍ୟାଳୟର ଏନସିସି ବାହିନୀର ଛାତ୍ରଛାତ୍ରୀମାନେ ଡିଜିପିଙ୍କ ସହ ଫଟୋ ଉତ୍ତୋଳନ କରିଥିଲେ। ପଶ୍ଚିମାଞ୍ଚଳ ରେଞ୍ଜରେ ସହିଦ ପୁଲିସ ଯବାନଙ୍କ ପରିବାରଙ୍କୁ ଡିଜିପି ଶ୍ରୀ ଖୁରାନିଆ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନୀଲ ମଲ୍ଲିକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଡିଆଇଜି ଶ୍ରୀ ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

# ପାନପୋଷ ଉପଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



**ରାଉରକେଲା, ୨।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ ଭୁବନେଶ୍ୱର ଇଡକୋ ବିଭାଗକୁ ଭୂମି ଅଧିକାରୀ ଭାବେ ବଦଳି ହୋଇଯାଇଛି। ଗୁରୁବାର ସେ ତାଙ୍କ ପଦରୁ ରିଲିଭ ହେବାସହ ଅତିରିକ୍ତ ଉପଜିଲ୍ଲାପାଳ ଚାନ୍ଦିନୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ଏହି ଅବସରରେ ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଦାୟୀ ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ସମସ୍ତ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ବରିଷ୍ଠ କିରାଣିଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିଦାୟୀ ଉପଜିଲ୍ଲାପାଳ ଶ୍ରୀ ନାୟକ କହିଛନ୍ତି ଯେ ରାଉରକେଲାରେ ତାଙ୍କ କାର୍ଯ୍ୟକାଳରେ ତାଙ୍କ ସହକର୍ମୀଙ୍କ ଅକୁଣ୍ଠ ସହଯୋଗ ତାଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ।

# ଗଛକୁ ପିଟିଲା କାର୍; ଅଳ୍ପକେ ବର୍ତ୍ତିଲେ ପରିବାର



**ବଣାଇଁ, ୨।୫(ସମିସ):** ବଣାଇଁ ଥାନା ଅଧୀନ ନରେନ୍ଦ୍ର ଗୁରୁଣ୍ଡିଆ ପୂର୍ତ୍ତବିଭାଗ ରାସ୍ତାର ଭାଲୁ ଡୁଙ୍ଗୁରି ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ଗଛରେ ବାଡ଼େଇ ହୋଇଛି। ସୂଚନା ଅନୁସାରେ ଗୁରୁଣ୍ଡିଆରୁ ଗୋଟିଏ ପରିବାର ଅପରାହ୍ନରେ ଲହୁଣୀପଡ଼ା ଅଭିମୁଖେ ଯାଉଥିବାବେଳେ ଗାଡ଼ି ଟି ଭାରସାମ୍ୟ ହରାଇ ପ୍ରଥମେ ଏକ ଇଲେକ୍ଟ୍ରିକ ପୋଲକୁ ଧକ୍କା ଦେବାପରେ ଗଛରେ ବାଡ଼େଇ ହୋଇଥିଲା। ଏଥିରେ ଚାଳକ ସମେତ ପରିବାର ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଗାଡ଼ିରେ ବସିଥିବା ଜଣେ ୧୪ ବର୍ଷର ବାଳକ ଆହତ ହୋଇଛନ୍ତି। ସ୍ଥାନୀୟ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିବାପରେ ବାଳକକୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ପଠାଇଥିଲେ।

# ଦୁଷ୍କର୍ମ ଅଭିଯୋଗରେ ବୃଦ୍ଧ ଗିରଫ

**ରାଉରକେଲା, ୨।୫ (ସମିସ):** ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ସେକ୍ଟର -୧୯ ଥାନା ପୁଲିସ ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉକ୍ତ ଥାନାଞ୍ଚଳର ୨ ଜଣ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବାନେଇ ପରିବାର ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଇନ୍ସପେକ୍ଟର ବୈଦ୍ୟନାଥ ସାହୁ କହିଛନ୍ତି।

# ଭାଇବୋହୂକୁ ହତ୍ୟା; ଦେଢ଼ଶୁର ଗିରଫ

**ବଣାଇଁ, ୨।୫(ସମିସ):** ବଣାଇଁ ଥାନା ଅଧୀନ ଜୀବିକା ଗ୍ରାମରେ ଶନିବାର ରାତ୍ରି ପ୍ରାୟ ୮ଟା ସମୟରେ ଏକ ଦୁଃଖଦ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ଦେଢଶୁରଙ୍କ ଆକ୍ରମଣରେ ଭାଇବୋହୂଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ସ୍ୱର୍ଗତଃ ହଗୁରୁ କିସାନଙ୍କ ସ୍ତ୍ରୀ ଜୟନ୍ତୀ କିସାନ (୪୫)। ଅଭିଯୋଗ ଅନୁସାରେ, ଜୟନ୍ତୀ ରୋଷେଇ କରୁଥିବା ବେଳେ ତାଙ୍କ ଦେଢଶୁର ପରଦେଶୀ କିସାନ (୪୮) ସହିତ କଥା କାଟାକାଟି ହୋଇଥିଲା। ଏହା ପରେ ଉତ୍ତେଜିତ ହୋଇ ପରଦେଶୀ ଏକ ଫାର୍ସାରେ ଜୟନ୍ତୀଙ୍କୁ ଆକ୍ରମଣ କରିଥିଲେ। ଜୟନ୍ତୀ ଘଟଣାସ୍ଥଳରେ ଅଚେତ ହୋଇପଡ଼ିଥିଲେ। ପଡୋଶୀ ତୁରନ୍ତ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଣାଇଁ ପୁଲିସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଅଭିଯୁକ୍ତ ପରଦେଶୀ କିସାନଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

# ମାଓମୁକ୍ତ ଓଡ଼ିଶା ପୁଲିସ ପାଇଁ ବଡ଼ ସଫଳତା : ଡିଜିପି

**ରାଉରକେଲା, ୨।୫(ସମିସ)**

ବିଗତ ଦିନରେ ମାଓ ହିଂସା ଓଡ଼ିଶା ପାଇଁ ଏକ ବଡ଼ ଚାଲେଞ୍ଜ ରହିଥିବାବେଳେ ବର୍ତ୍ତମାନ ଓଡ଼ିଶା ମାଓ ମୁକ୍ତ ହୋଇପାରିଛି, ଯାହାକି ଓଡ଼ିଶା ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ରାଉରକେଲାରେ ଆୟୋଜିତ ଡିଜିପି ଡିସ୍କ ପୁରସ୍କାର ପ୍ରଦାନ ଉତ୍ସବରେ କହିଛନ୍ତି। ରାଉରକେଲା ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ଓଡ଼ିଶା ପୁଲିସର ଦୀର୍ଘ ୯୦ ବର୍ଷ ପୂର୍ତ୍ତି ମଧ୍ୟରେ ବିଶେଷ କରି ୨୦୨୫ ଓ ୨୦୨୬ ବର୍ଷ ଓଡ଼ିଶା ପୁଲିସ ପାଇଁ ଏକ ଅବିସ୍ମରଣୀୟ ବର୍ଷ। କାରଣ ଦୀର୍ଘ ତିନି ଦଶନ୍ଧି ଧରି ଓଡ଼ିଶାରେ ଲାଗି ରହିଥିବା ମାଓ ସମସ୍ୟା ସମାଧାନ ହେବା ସହ ଓଡ଼ିଶା ଆଜି ମାଓ ମୁକ୍ତ ରାଜ୍ୟ ଭାବେ ପରିଗଣିତ ହୋଇପାରିଛି। ମାଓ ହିଂସାରେ ବହୁ ଜନସାଧାରଣଙ୍କ ପ୍ରାଣହାନୀ ହୋଇଥିଲାବେଳେ ମାଓ ଦମନ ବେଳେ ଓଡ଼ିଶା ପୁଲିସର ଯବାନମାନେ ବଳିଦାନ ଦେଇଛନ୍ତି। ଓଡ଼ିଶା ଆଜି ମାଓ ମୁକ୍ତ ହୋଇଥିଲେ ବି ପଡ଼ୋଶୀ ରାଜ୍ୟରେ ମାଓ ମୁକ୍ତ ପାଇଁ କମ୍ବିଂ ଅପରେସନ ଚାଲିଛି, ଏଥିପାଇଁ ଆମକୁ ରାଜ୍ୟର କିଛି ଅଞ୍ଚଳରେ ମାଓ ସମସ୍ୟା ସତର୍କ ରହିବାକୁ ପଡ଼ିବ ବୋଲି ସେ କହିଥିଲେ। ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ଆହୁରି କହିଥିଲେ ଯେ, ମାଓ ସମସ୍ୟାର ଅନ୍ତଃ ଘଟିବା ପରେ ପୁଲିସ ପାଇଁ ଆଉ ଏକ

### ମାଓ ପରେ ବଡ଼ ଚାଲେଞ୍ଜ 'ସାଇବର କ୍ରାଇମ୍'

### ୩୫୦୦ରୁ ଉର୍ଦ୍ଧ୍ୱ ଅପରାଧୀ ଗିରଫ; ୭୦୦୦ ଲୋକଙ୍କୁ ନୋଟିସ୍ ଜାରି

### ୨ ମାସରେ ସୁନ୍ଦରଗଡ଼ ଜିଲ୍ଲାରେ ହେବ ୫୦୦ ଟ୍ରାଫିକ ପୋଷ୍ଟ

ବଡ଼ ହେଉଛି ଚ୍ୟାଲେଞ୍ଜ 'ସାଇବର କ୍ରାଇମ୍'। ବିଭିନ୍ନ ଉପାୟରେ ହେଉଥିବା ସାଇବର କ୍ରାଇମ ଯୋଗୁଁ ଲୋକମାନେ ଏହାର ଶିକାର ହେବା ସହ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ଏଥିପାଇଁ ବିଗତ ଦିନରେ ୧ ମାସ ପାଇଁ ସବୁ ଜିଲ୍ଲାରେ ଆରମ୍ଭ ହୋଇଥିବା 'ଅପରେସନ ସାଇବର୍ ଖୋଜ'ରେ ପ୍ରାୟ ୪୭ ୦୦୦ ବ୍ୟାଙ୍କ ଏକାଉଣ୍ଟ ଯାଞ୍ଚ କରାଯାଇଥିଲା। ସେଥିରୁ ପ୍ରାୟ ୧୫୦୦ ସନ୍ଦିଗ୍ଧ ବ୍ୟାଙ୍କ୍ ଏକାଉଣ୍ଟ ଚିହ୍ନଟ କରାଯାଇ ୩୫୦ରୁ ଅଧିକ ସାଇବର ଅପରାଧୀଙ୍କୁ ଗିରଫ କରାଯିବା ସହ ପ୍ରଥମ ଥର ପାଇଁ ସାଇବର କ୍ରାଇମରେ ଜଡ଼ିତ ହୋଇଥିବା ୭୦୦୦ ଲୋକଙ୍କୁ ନୋଟିସ୍ ଜାରି କରାଯାଇଛି। ପୁଲିସ ମହାନିର୍ଦ୍ଦେଶକ ଶ୍ରୀ




ଖୁରାନିଆ କହିଥିଲେ ଯେ, ସମ୍ପ୍ରତି ରାଜ୍ୟରେ ୨୦ଟି ସାଇବର ଥାନା ଆରମ୍ଭ କରାଯିବା ସହିତ ସାଇବର ଏକ୍ସପର୍ଟମାନଙ୍କ ସେଥିରେ ନିଯୁକ୍ତି ଦିଆଯାଇଛି। ଏଥିସହିତ ସାଇବର କ୍ରାଇମର ତଦନ୍ତ ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସହାୟତା ନିଆଯାଇ ପୁଲିସ୍ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବା ସହିତ ଜିଲ୍ଲାସ୍ତରରେ, ରେଞ୍ଜ ଏବଂ ରାଜ୍ୟ ସ୍ତରରେ ସଫ୍ଟଓୟାର, ହାର୍ଡୱେର ଏବଂ ତଦନ୍ତ ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ଯୋଗାଇ ଦିଆଯାଇଛି। ସେ ଆହୁରି କହିଲେ ରାଜ୍ୟ ସରକାର ପୁଲିସ୍ ବିଭାଗରେ ୧୭୦୦ ନୂଆ ପଦ ସୃଷ୍ଟି କରିଛନ୍ତି, ଯାହା ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ହୋଇଛି। ଏଥିସହିତ ସମୁଦାୟ ୩୩ ହଜାର ପୁଲିସ୍ ପଦରେ ନିଯୁକ୍ତି ପାଇ ଯେଉଁଦିନ ବିଭିନ୍ନ ଥାନାରେ ଯୋଗ ଦେଇ କାର୍ଯ୍ୟ ଆରମ୍ଭ କରିବେ ସେଦିନ ଓଡ଼ିଶା ପୁଲିସର ଥିବା ସମସ୍ତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ପୂରଣ ହୋଇପାରିବ ବୋଲି ଶ୍ରୀ ଖୁରାନିଆ କହିଥିଲେ। ସେ କହିଥିଲେ, ୨୦୨୫ ଏବଂ ୨୦୨୬ ମାର୍ଚ୍ଚକୁ ଓଡ଼ିଶା ପୁଲିସ ପକ୍ଷରୁ ନିଶାମୁକ୍ତକୁ ଏକ ଡ୍ରାଇଭ ଭାବେ ନିଆଯାଇଥିଲା। ରାଜ୍ୟରେ ୫ ହଜାର ୪୦୦ (ମହିଳା ଓ ଶିଶୁ) ଅପହରଣକୁ ନେଇ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ କହିଥିଲେ ଯେ, ୧୦ ଦିନ ମଧ୍ୟରେ ଏହାର ତଦନ୍ତ କରି ରିପୋର୍ଟ ବାହାର କରାଯାଇଛି, ଯାହାକି ଫଳପ୍ରଦ ହୋଇଛି। ଅପହରଣ ହେବା ପରେ ପରିବାରବର୍ଗ ଥାନାରେ ଅଭିଯୋଗ କରିଛନ୍ତି, କିନ୍ତୁ ଅପହରଣର ଶିକାର ହୋଇଥିବା (ମହିଳା ଓ ଶିଶୁ) ଫେରିବା ପରେ ତାହା ଆଉ ପୁଲିସକୁ ପରିବାର ପକ୍ଷରୁ"ଜଣାଯାଇନାହିଁ। ଓଡ଼ିଶାର ୨୦ଟି ବିପର୍ଯ୍ୟୟ ପରିଚାଳନା ପାଇଁ ଟିମ୍ ଥିଲା ବେଳେ ଆଉ ୧୦ଟି ନୂଆ ଓଡ୍ରାଫ୍ ଟିମ୍ ଗଠନ କରାଯାଇଛି ବୋଲି ସୂଚନା ଦେଇଥିଲେ। ସେହିପରି ସଡ଼କ ନିରାପତ୍ତା ପାଇଁ ଆସନ୍ତା ଦୁଇ ମାସ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ଟ୍ରାଫିକରେ ୫୦୦ ଟ୍ରାଫିକ ପୋଷ୍ଟ ସୃଷ୍ଟି କରାଯିବା ସହିତ ଜଣେ ଟ୍ରାଫିକ୍ ଅଧକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର, କେନ୍ଦୁଝର ଏସ୍‌ପି କୁଶଲକର ନୀତିନ୍ ଦାଗଡୁ, ଏଏସ୍‌ପି ଶୁଭସ୍ନିଗ୍ଧା ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

# ବେଆଇନ ଶ୍ରମିକ ଚାଲାଣ ରୋକିବାକୁ ସଚେତନ କଲା ପୁଲିସ






ବଲାଙ୍ଗିର,୨।୫(ସମିସ): ଶ୍ରମିକ ଚାଲାଣ ରୋକିବା ପାଇଁ ବଲାଙ୍ଗିର ପୁଲିସ ପକ୍ଷରୁ ସଚେତନତା ଉଦ୍ଦେଶ୍ୟରେ ଏକ ବାଇକ୍ ଶୋଭାଯାତ୍ରା କାଯାଇଛି। ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରାୟ ୩୦୦ ପୁଲିସ କର୍ମ.ରୀ ବଲାଙ୍ଗିର ସହର ସହ ଖପ୍ରାଖୋଲ, ବୋଲପଡା, ବଙ୍ଗୋମୁଣ୍ଡା, କଣ୍ଟାବାଞ୍ଜି ଏବଂ ଲାଠୋର ବ୍ଲକ୍ ଦେଇ ସଚତନ କରିଥିଲେ। ଓଡିଶା ସ୍ୱେଶାଲ ଷ୍ଟ୍ରାଇକିଂ ଫୋର୍ସ (ଓଏସ୍ଏସ୍ଏଫ), ମୁକ୍ତିପ୍ରାପ୍ତ ବନ୍ଧକ ଶ୍ରମିକ ଏବଂ ଶ୍ରମ ବିଭାଗର ଅଧିକାରୀ ଅଂଶଗ୍ରହଣ କରିଥିଲେ। ସଚେତନତା ଏବଂ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା ମାଧ୍ୟମରେ ଅଧିକାରୀମାନେ ଲୋକଙ୍କ ନଗଦ ଅଗ୍ରୀମ ଏବଂ ମିଥ୍ୟା ନିଯୁକ୍ତି ପ୍ରତିଶ୍ରୁତି ପ୍ରଦାନ କରୁଥିବା ମଧ୍ୟସ୍ଥିଙ୍କ ବିରୋଧରେ ସତର୍କ ରହିବାକୁ ଅନୁରୋଧ କରିଥିଲେ। ଶ୍ରମିକ ଚାଲାଣ ପ୍ରାୟତଃ ପ୍ରତାରଣାମୂଳକ ଚାକିରି ପ୍ରସ୍ତାବ ଏବଂ ଆଗୁଆ ଦେୟ ସହ ଆରମ୍ଭ ହୁଏ; ଯାହା ଶୋଷଣ ପ୍ରତିବନ୍ଧିତ ଗତିବିଧି ଏବଂ ଦୁର୍ବ୍ୟବହାର କାରଣ ହୋଇପାରେ। ନାଗରିକମାନଙ୍କୁ ସ୍ଥାନାନ୍ତର ପୂର୍ବକ ନିଯୁକ୍ତି ବିବରଣୀ ଯାଞ୍ଚ କରିବା ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ତୁରନ୍ତ ପୁଲିସକୁ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି। ଶ୍ରମିକ ଚାଲାଣ ବିରୋଧରେ ଲଢିବା ପାଇଁ ଏକ ସାମୂହିକ ପ୍ରୟାସ ଆବଶ୍ୟକ। ନାଗରିକ, ଯୁବପିଢି, ନେତା ଏବଂ ସ୍ଥାନୀୟ ଅନୁଷ୍ଠାନର ସମର୍ଥନ ଆବଶ୍ୟକ। ସାମାଜିକସ୍ତରରେ ସଚେତନତା ହେଉଛି ସବୁଠାରୁ ଶକ୍ତିଶାଳି ପ୍ରତିରକ୍ଷା।

ମୁରିବାହାଲ: ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ପକ୍ଷରୁ ଏକ ଭବ୍ୟ ମୋଟର ସାଇକେଲ ରାଲି ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଛି। ଆଇଆଇସି ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ଏହି ବାଇକ୍ ରାଲି ଥାନାରୁ ବାହାରିଥିଲା। ପୋଲିସ କର୍ମଚାରୀ ସଚେତନତା ବାର୍ତ୍ତା ଦେବା ଲକ୍ଷ୍ୟରେ ସଂପୃକ୍ତ ଥାନା ଅଧୀନର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ମୁରିବାହାଲ,ଘୁସୁରାମୁଣ୍ଡା ଗୁଡିଘାଟ, ଯମୁନାବାହାଲ, ସତୀଘାଟ, ବାନ୍ଧୁପଲା, ଚଳକୀ ଏବଂ ଇଛାପରା, ସର୍ଗୁଲ, ବଡ଼ସାଇମରା ସମେତ ପାଖାପାଖି ୧୫ରୁ ୨୦ଟି ଗ୍ରାମ ପରିକ୍ରମା କରିଥିଲେ। ଲୋକଙ୍କୁ ବାହାରକୁ ଦାଦନ ଖଟି ନ ଯିବାକୁ ସଚେତନ କରାଯାଇଥିଲା। ପୁଲିସ ପକ୍ଷରୁ ଗ୍ରାମବାସୀଙ୍କୁ ପାମ୍ପଲେଟ୍ ମାଧ୍ୟମରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଥିଲା। ବିଶେଷ କରି ଅଗ୍ରିମ ଟଙ୍କା ଲୋଭରୁ ଦୂରେଇ ରହିବାକୁ କୁହାଯାଇଛି। ନିରୀହ ଲୋକ କିଭଳି ଦାଦନ ସର୍ଦ୍ଦାରଙ୍କଠାରୁ ଅଗ୍ରିମ ଟଙ୍କା ନେଇ ବାହାର ରାଜ୍ୟରେ ବେଠି ଖଟୁଛନ୍ତି। ଅକଥନୀୟ ନିର୍ଯାତନାର ଶିକାର ହେଉଛନ୍ତି। ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ବାହାର ରାଜ୍ୟକୁ ବିପଦପୂର୍ଣ୍ଣ ଭାବେ କାମ କରିବାକୁ ନ ଯାଇ ଓଡ଼ିଶା ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭ ଉଠାଇ ନିଜ ଭିଟାମାଟିରେ ରୋଜଗାରକ୍ଷମ ହେବାକୁ ପରାମର୍ଶ ଦିଆଯାଇଥିଲା। ଅନେକ ସମୟରେ ସୂଚନା ଅଭାବରୁ ଗରିବ ଶ୍ରମିକ ଦଲାଲଙ୍କ କବଜାରେ ପଡି ହଇରାଣ ହୁଅନ୍ତି ବୋଲି ପୁଲିସ କହିଛି।

କଣ୍ଟାବାଞ୍ଜି: ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ପୁଲିସ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ କଣ୍ଟାବାଞ୍ଜି ଥାନାରୁ ବାଇକ ଶୋଭାଯାତ୍ରା ବାହାରିଥିଲା। କଣ୍ଟାବାଞ୍ଜି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଏହି ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ସେହିପରି ତୁରେକେଲା ଥାନା ପରିସରରେ ଥାନା ଅଧିକାରୀ ରାକେଶ ବେହେରା ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଆରମ୍ଭ କରିଥିଲେ।

## ଓଜିବି ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ସ୍ୱାସ୍ଥ୍ୟ ଶିବିର




ବଲାଙ୍ଗିର,୨।୫(ସମିସ): ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଆଜି ପ୍ୟାଲେସ ଲାଇନଠାରେ ନୂତନ ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ମଧ ଆୟୋଜିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ତରଣି ସୁନା, ନାବାର୍ଡ ଡିଡିଏମ୍ ଡ. ବିବେକ ନାଏକ, ଏଲ୍‌ଡିଏମ୍ ବଲାଙ୍ଗିର ପ୍ରଶାନ୍ତ ବେହେରା, ଶାସ୍ତ୍ରୀନଗର ଡାକ୍ତରଖାନାର ଡ. ପ୍ରବୀଣ ବହିଦାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓଜିବି ରିଜିଓନାଲ ମ୍ୟାନେଜନର ସୂର୍ଯ୍ୟକାନ୍ତ ସାହୁ ଏବଂ ମ୍ୟାନେଜର (ଆଡମିନ) ପଲ୍ ଏକା ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ଅନ୍ତର୍ଲା ଓ ସିଂହାମୁଣ୍ଡାରେ କ୍ଷେତ୍ର ଦିବସ

ଦେଓଗାଁ,୨।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଅଧୀନ ଅନ୍ତର୍ଲା ଓ ସିଂହାମୁଣ୍ଡାରେ କୃଷି ବିଭାଗ ତରଫରୁ କ୍ଷେତ୍ର ଦିବସ ପାଳନ କରାଯାଇଛି। ଗ୍ରାମ୍ୟ କୃଷି କର୍ମୀ ମମତା ହେମ୍ରମଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ, ସହକାରୀ କୃଷି ଅଧିକାରୀ ରୋହନ ଭୋଇ, ସହକାରୀ କୃଷି ଅଧିକାରୀ ତନ୍ମୟ ମୁନା, କୃଷ୍ଣପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ୍ୟ କୃଷି କର୍ମୀ ମୁନେଶ ପଧାନ, ହିମାଂଶୁ ସାହୁ ,ସମାଜିକ କର୍ମୀ ଶରତ ସାହୁ, କୃଷକ ସାଥି ଲମ୍ବୋଦର ନାଏକ ପ୍ରମୁଖ ସହଯୋଗ କରିଥିଲେ।



## ଶ୍ରୀନୃସିଂହ ମନ୍ଦିର ପକ୍ଷରୁ ସାମୂହିକ ବ୍ରତୋପନୟନ



ବଲାଙ୍ଗିର,୨।୫(ସମିସ): ଶ୍ରୀନୃସିଂହ ମନ୍ଦିରର ମହନ୍ତ ମହାରାଜ ବ୍ରଜ ମୋହନ ଶରଣଦେବଙ୍କ ତତ୍ତ୍ୱାବଧାନରେ ଓ ଗୁରୁଭାଇ ଓ ଭଉଣୀ ସେବା ସଂଘ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀନୃସିଂହ ମହାପ୍ରଭୁଙ୍କ ଜନ୍ମୋତ୍ସବ ସହ ଦ୍ୱାଦଶ ବ୍ରାହ୍ମଣ ସନ୍ତାନମାନଙ୍କ ବ୍ରତୋପନୟନ କାର୍ଯ୍ୟକ୍ରମ କରାଯାଇଛି। ଚନ୍ଦ୍ର ପୁରୋହିତ, ମୁରାରୀ ମିଶ୍ର ବ୍ରତୋପନୟନ ପୂଜାବିଧି ପରିଚାଳନା କରିଥିଲେ। ବଲାଙ୍ଗିର ପୌର ପରିଷଦର ଅଧକ୍ଷା ଲିକା ସାହୁ, କ୍ଷମାନିଧି ବାଗ, ହଜାରୀ ମିଶ୍ର, କିଶୋର ପୁରୋହିତ, କୋଷାଧ୍ୟକ୍ଷ ଭକ୍ତବନ୍ଧୁ ଦାଶ, ରଘୁନାଥ ରାଉତ, ଦିଲୀପ ନାୟକ, ବ୍ରଜମୋହନ ସାହୁ, ଜଗମୋହନ ତ୍ରିପାଠୀ, ବିରଞ୍ଚି ନାରାୟଣ ତ୍ରିପାଠୀ, ପୁରନ୍ଦର ହୋତା, ପ୍ରଭାତ ଦାଶ, ଗୌର ଚରଣ ସାହୁ, ଭୁସାଗର ଡାଙ୍ଗ, ପଣ୍ଡିତ ଗୋବର୍ଦ୍ଧନ ଶତପଥୀ, ଜୟରାମ ମିଶ୍ର, ସଂକୀର୍ତ୍ତନ ତ୍ରିପାଠୀ, ରାକେଶ ପଣ୍ଡା, ରାଜେନ୍ଦ୍ର ପାଣିଗ୍ରାହୀ, ବାଗଦଲ ସିଂ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଦପଡ଼ା ଶୀତଲଷଷ୍ଠୀ ମହୋତ୍ସବ କମିଟିର କର୍ମକର୍ତ୍ତା ମନୋନିତ



ବଲାଙ୍ଗିର,୨।୫(ସମିସ): ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସୁଦପଡା ଶୀତଳଷଷ୍ଠୀ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଦତ୍ତ ବେହେରା ସଭାପତିତ୍ୱ କରିଥିଲେ। ଜୁନ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ପାଳନ କରାଯିବ। କମିଟି ସଭାପତି ଭାବେ ରାଜେଶ ଦୋରା, ଉପସଭାପତି ଭାବେ ରାଜା ସାମନ୍ତରାୟ, ସଂପାଦକ ଭାବେ ସନ୍ତୋଷ ପଣ୍ଡା, ସହ-ସଂପାଦକ ଭାବେ ଅନନ୍ତ ମଛଖଣ୍ଡ, କୋଷାଧ୍ୟକ୍ଷ ଭାବେ ଉମେଶ କବାଟ ଓ ବୁଲୁ ପ୍ରଧାନ ରହିଛନ୍ତି। ଉପଦେଷ୍ଟା ମଣ୍ଡଳିରେ ଦୁର୍ଗା ଚରଣ ବେହେରା, ପୂର୍ବତନ ନଗରପାଳ ସତ୍ୟନାରାୟଣ ଭୋଇ, କମଲଜିତ ସିଂ, ବିପିନ ପାଢି, ବୁଲୁ ବେହେରା, କାଉସିଲର କିଶୋର କୁମ୍ଭାର, କ୍ଷିରୋଦ ନାଗ, ତିଲୋଚନ ମଛଖଣ୍ଡ, ମନୋଜ ମଛଖଣ୍ଡ, ସୁଶାନ୍ତ ଜାଲ, ଜିତେନ୍ଦ୍ର ତ୍ରିପାଠି, ପ୍ରଶାନ୍ତ ପତି, ମନ ମନହିରା, ସୁବଲ ଖର୍ସେଲ, ଶୁଭ୍ରାଂଶୁ ପାଣ୍ଡେ ଓ ହର ଦୀପଙ୍କୁ ମନୋନିତ କରାଯାଇଛି। କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ବିଶ୍ୱନାଥ ଦୋରା, ବିଦ୍ୟା ସାହୁ, ବଳ ହେର୍ଣ୍ଣା, ରକି ପ୍ରଧାନ, ମନୋଜ ବିଶ୍ୱାଲ, ସୁଶୀଲ ମଲ୍ଲିକ, ଦଣ୍ଡାସି ଗୌ÷ଡ, ଆନନ୍ଦ ସାହୁ, ଅଜିତ ସ୍ୱାଇଁ, ରାଜେନ୍ଦ୍ର ଭୋଇ, ପ୍ରହଲ୍ଲାଦ ପାଢୀ, ପ୍ରହଲ୍ଲାଦ ଦୋରା, ଶିବା ପ୍ରଧାନ, ଶଙ୍କର ଦୀପ, ଘନଶ୍ୟାମ ଦୋରା, ଭୋଲା ବେହେରା ଓ ସିନ୍ଧୁ ନାଏକ ପ୍ରମୁଖଙ୍କୁ ମନୋନିତ କରାଯାଇଛି। ଶେଷରେ ବୁଲୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବଲାଙ୍ଗିର ଜିଲ୍ଲାରେ ମାଟ୍ରିକ ପାସ୍ ହାର ୯୬.୬୮ ପ୍ରତିଶତ

ବଲାଙ୍ଗିର,୨।୫(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶନିବାର ୨୦୨୫-୨୬ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥର ମାଟ୍ରିକ ପରୀକ୍ଷା ପାସ୍ ହାର ତାଲିକାରେ ଜିଲ୍ଲା ୧୬ ସ୍ଥାନରେ ରହିଛି। ଏ-୧ ଗ୍ରେଡ୍ ତାଲିକାରେ ଜିଲ୍ଲାର ସ୍ଥାନ ୨୧ ନମ୍ବରରେ ରହିଛି। ଚଳିତ ବର୍ଷ ଜିଲ୍ଲାରେ ପାସ ହାର ୯୬.୬୮ ରହିଥିବା ବେଳେ ମାତ୍ର ୩୬ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ ରଖିଛନ୍ତି। ପରୀକ୍ଷାରେ ଅନୁପସ୍ଥିତି ତାଲିକାରେ ଜିଲ୍ଲା ୩ ନମ୍ବରରେ ରହିଛି। ଫେଲ୍ ହୋଇଥିବା ଛାତ୍ରଛାତ୍ରୀ ତାଲିକାରେ ଜିଲ୍ଲା ୧୦ ନମ୍ବରରେ ରହିଛି। ଶତ ପ୍ରତିଶତ ପାସ କରିଥିବା ସ୍କୁଲ ତାଲିକାରେ ବଲାଙ୍ଗିର ଜିଲ୍ଲା ୫ ନମ୍ବରରେ ରହିଥିବା ବେଳେ ଜିଲ୍ଲାର ୧୧୨ଟି ସ୍କୁଲ ଏହି ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ବଲାଙ୍ଗିର ଜିଲ୍ଲାରେ ୩୭୪ଟି ଉଚ୍ଚ ବିଦ୍ୟାଳୟର ୨୩,୩୩୫ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ଏଥିରୁ ୬୪୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନ ଥିଲେ। ପରୀକ୍ଷା ଦେଇଥିବା ୨୨ ହଜାର ୬୯୫ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧ ହଜାର ୯୪୨ ଜଣ ଛାତ୍ରଛାତ୍ରୀ (୯୬.୬୮ ପ୍ରତିଶତ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୬ ଜଣ ଏ-୧ ଗ୍ରେଡ ପାଇଥିବା ବେଳେ ୩୮୧ ଜଣ ଏ-୨ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୧୪୩୭ ଜଣ ବି-୧, ୩୪୭୯ ଜଣ ବି୨, ୫୬୨୨ ଜଣ ସି ଗ୍ରେଡ, ୬୭୦୮ ଜଣ ଡି ଗ୍ରେଡ ଓ ୪୨୭୯ ଜଣ ଇ ଗ୍ରେଡ ଓ ୭୫୩ ଜଣ ଏଫ ଗ୍ରେଡ ପାଇଛନ୍ତି। ତେବେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଦାଦନ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଜିଲ୍ଲା ଶିକ୍ଷା ବିଭାଗ ଚିନ୍ତାରେ ପଡିଥିଲା। ଫଳ ପ୍ରକାଶ ପରେ ଏ-୧ ତାଲିକା ଚିନ୍ତାରେ ପକାଇଛି। ଜିଲ୍ଲାର ସ୍ଥାନ ଏତେ ତଳେ ରହିବାରୁ ଶିକ୍ଷାବିତମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

**ମାତ୍ର ୩୬ ଛାତ୍ରଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ**

### ମାଟ୍ରିକ ପରୀକ୍ଷାରେ ସାଲେପାଲି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠ ଛାତ୍ରୀଙ୍କ ସଫଳତା

ଦେଓଗାଁ,୨।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସାଲେପାଲି ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାପୀଠ ଦଶମ ଶ୍ରେଣୀ ଛାତ୍ରୀ ବିନୁସ୍ମିତା ସାମଲ ଏ-୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ସାଲେପାଲି ଗ୍ରାମର ଅମ୍ବୁଜା ସାମଲ ଓ ସୁଦେଷ୍ଣା ସାମଲଙ୍କ ଝିଅ। ସେ ମାଟ୍ରିକ ପରୀକ୍ଷାରେ ୬ଶହ ମାର୍କରୁ ୫୪୦ ନମ୍ବର ରଖିଛନ୍ତି। ଜଣେ ଶିକ୍ଷୟିତ୍ରୀ ହେବାକୁ ତାଙ୍କର ଇଚ୍ଛା ରହିଛି।



## ବିଭିନ୍ନ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବଲାଙ୍ଗିର,୨।୫(ସମିସ): ପୁଇଁନ୍ତଲା ବ୍ଲକ୍ ଜାମଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ୧୯୯୦ ମସିହାରୁ .କିରି କରି ଆସୁଥିବା ବିଦ୍ୟାଳୟର ସେବକ ରାଜକିଶୋର ପଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁ, ଶିକ୍ଷକ ରାଜକିଶୋର ପଣ୍ଡା, ଶିକ୍ଷକ ଅଶୋକ ପଣ୍ଡା, ପ୍ରଭାତ ସାହୁ, ଦିବ୍ୟକିଶୋର ପଧାନ, ବିଶେଶ୍ୱର ଝାଙ୍କର, ବୃଷଭ ନାଗ, ବରିଷ୍ଠ ଶିକ୍ଷୟିତ୍ରୀ ନମିତା ପାଣିଗ୍ରାହୀ, ରଞ୍ଜିତା ରଣା, ଅଜିତ ରାଉତ, ଧୀରେନ୍ଦ୍ର ସୁନା ପ୍ରମୁଖ ଉପସ୍ଥିତ ଥିଲେ।

ଦେଓଗାଁ: ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର କିରାଣି ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷକ ଅମ୍ବରୀଶ ଭୋଇଙ୍କ ସଭାପତିତ୍ୱ ଏବଂ ବିଜ୍ଞାନ ଶିକ୍ଷକ ପ୍ରତାପ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ବଳଦେବ ମାଝୀ, ବନ୍ଧପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବନ୍ଧପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ରାଧେଶ୍ୟାମ ଷାଣ୍ଢଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷକ ନୀଳକଣ୍ଠ ଷାଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ସମିତିସଭ୍ୟ କାନ୍ତେଶ୍ୱର ପଧାନ, ପରିଚାଳନା କମିଟି ସଭାପତି ଅଚ୍ୟୁତ ମିଶ୍ର, ଅମିତ ସିଂ ନିନା, ଶିକ୍ଷକ ରାଧେଶ୍ୟାମ ପଧାନ, ସିଆରସିସି ପ୍ରଦୀପ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉପରଝର ହାଇସ୍କୁଲର ସହକାରୀ ଶିକ୍ଷକ ରବିନ୍ଦ୍ର ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶିକ୍ଷକ ଲକ୍ଷ୍ମୀଧର ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଅନନ୍ତ ବାରିକ, ପ୍ରଫୁଲ୍ଲ ନାଏକ, ରାଘବ ମଲ୍ଲିକ, ରଞ୍ଜିତ ସାହୁ, ସସ୍ମିତା ବିଶ୍ୱାଳ, ଶାଶ୍ୱତୀ ସାହୁ, ରଶ୍ମିତା ମାହାଣା, ସୁମିତା ବୀରା, ସ୍ୱରୂପା ସିଂ ପ୍ରମୁଖ ଯୋଗ ଦେଇଥିଲେ।



## ରେଳଧାରଣାରୁ ଅଜଣା ମୃତଦେହ ଉଦ୍ଧାର

ବଲାଙ୍ଗିର,୨।୫(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍‌ର ସାଲେଭଟା-ମୁରସୁଣ୍ଡି ଭୂତଳ ରେଲୱେ ବ୍ରିଜ ନିକଟରେ ଥିବା ରେଲୱେ ଟ୍ରାକ୍‌ରୁ ଶନିବାର ଏକ ମୃତଦେହ ଉଦ୍ଧାର ହୋଇଛି। ମୁଣ୍ଡରେ ଗଭୀର ଆଘାତ ଲାଗି ଥିବା ବେଳେ ଶରୀରର ଆଉ କୌଣସି ଅଙ୍ଗରେ କ୍ଷତ ଚିହ୍ନ ନାହିଁ। ତାଙ୍କ ମୃତ୍ୟୁକୁ ନେଇ ରହସ୍ୟ ଲାଗି ରହିଛି। ଖବର ପାଇ ଘଟଣାସ୍ଥଳରେ ପ୍ରଥମେ ସାଲେଭଟା ଫାଣ୍ଡି ପୁଲିସ ସହ ରେଳବାଇ ପୁଲିସ ପହଞ୍ଚି ଥିଲା। ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏନେଇ ଜିଆରପି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲା କଂଗ୍ରେସ ସଭାନେତ୍ରୀଙ୍କୁ ସମ୍ବର୍ଦ୍ଧନା



ବଲାଙ୍ଗିର,୨।୫(ସମିସ): ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଜୟନ୍ତୀ ପଟେଲଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର, ଯୁବନେତା ସମରେନ୍ଦ୍ର ମିଶ୍ର ଯୋଗଦେଇ ଶ୍ରମତୀ ପଟେଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦେଓଗାଁ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଦେଓଗାଁ ବ୍ଲକ ସଭାପତି ରାମଜୀ ଚୌଧୁରୀ, ବଲାଙ୍ଗିର ବ୍ଲକ ସଭାପତି ରାମ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ସିଦ୍ଧାର୍ଥୀ ମିଶ୍ର, ଉମା ଶଙ୍କର ପଣ୍ଡା, ଓମ୍‌ପ୍ରକାଶ କୁମ୍ଭାର ଓ ସାନନ୍ଦ ମିଶ୍ର ପ୍ରମୁକ ମଞ୍ଚାସୀନ ଥିଲେ।

## ଗାଁ ସାଥିଙ୍କୁ ବହିଷ୍କାର ଦାବି କଲେ କନ୍ଧବାହାଲ ଗ୍ରାମବାସୀ



କଣ୍ଟାବାଞ୍ଜି,୨।୫(ସମିସ): ବଙ୍ଗୋମୁଣ୍ଡା ବ୍ଲକ୍ ପ୍ରଶାସନ ମନରେଗା ଦୁର୍ନୀତିକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। ଦୁର୍ନୀତିରେ ଲିପ୍ତ ଗାଁ ସାଥିଙ୍କୁ ବହିଷ୍କାର ଦାବିରେ ମୁଣ୍ଡପଦର ପଞ୍ଚାୟତ କନ୍ଧବାହାଲ ଗାଁ ଲୋକେ ବଙ୍ଗୋମୁଣ୍ଡା ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ବିଡ଼ିଓ ନିତୁଶ୍ରୀ ମେହେରଙ୍କୁ ଦାବିପତ୍ର ଦେଇଛନ୍ତି ଗ୍ରାମବାସୀ। ଗାଁ ସାଥି ମନରେଗା ଯୋଜନାରେ ମନମାନି କରି ବ୍ୟାପକ ଦୁର୍ନୀତି କରିଥିବା ଗାଁ ଲୋକେ ବଲାଙ୍ଗୀର ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ ଦାଖଲ କରିଥିଲେ। ଆଜିଯାଏ କିନ୍ତୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କନ୍ଧବାହାଲ ଗାଁରେ ପଲ୍ଲୀ ସଭା କରିବା ପାଇଁ ପଞ୍ଚାୟତ ପକ୍ଷରୁ ଗ୍ରାମରେ ୩ ଥର ନୋଟିସ୍ ଲଗାଯାଇଛି; କିନ୍ତୁ ଗାଁରେ ପଲ୍ଲୀ ସଭା ମଧ ହେଉନାହିଁ। ଏନେଇ ଗାଁ ଲୋକେ ସରପଞ୍ଚଙ୍କୁ ପଚାରିବାରୁ ଗାଁରେ ପଲ୍ଲୀ ସଭା ନ କରିବା ପାଇଁ ବଙ୍ଗୋମୁଣ୍ଡା ବିଡିଓ ମନା କରିଛନ୍ତି ବୋଲି ଉତ୍ତର ମିଳିଛି। ତେବେ ଗାଁରେ ପଲ୍ଲୀ ସଭା ନ କରିବାକୁ ବିଡିଓ କେଉଁ ଉଦ୍ଦେଶ୍ୟରେ ମନ କଲେ ତାକୁ ନେଇ ପ୍ରଶ୍ନ ସୃଷ୍ଟି ହେଉଛି।

## ଦିବ୍ୟାଙ୍ଗ ନାତୁଣୀକୁ ଗର୍ଭବତୀ କରି ଜେଲ୍ ଗଲା ୭୦ ବର୍ଷର ଅଜା

ତୁରେକେଲା,୨।୫(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ଏକ ଲଜ୍ୟା ଜନକ ଘଟଣା ଘଟିଛି। ଜଣେ ୭୦ ବର୍ଷିୟ ବ୍ୟକ୍ତି ନିଜର ସଂପର୍କୀୟ ଦିବ୍ୟାଙ୍ଗ ନାତୁଣୀଙ୍କୁ ଗର୍ଭବତୀ କରି ଜେଲ୍ ଯାଇଛି। ଅଭିଯୁକ୍ତ ହେଉଛି ତୁରେକେଲା ଥାନା ଅଧୀନ ପଖନମୁଣ୍ଡା ଗାଁର ପିତ ମାଝି (୭୦)। ଜଣେ ୨୭ ବର୍ଷିୟ ସମ୍ପର୍କୀୟ ଭିନ୍ନକ୍ଷମ ନାତୁଣୀ ପିତଙ୍କ ସେବା କରି ଆସୁଛନ୍ତି। ବୃଦ୍ଧ ଜଣକ ତାଙ୍କୁ ଦୁଷ୍କର୍ମ କରିବା ସହ କାହାକୁ ନ କହିବାକୁ ଧମକ ଦେଇ ଆସୁଥିଲା; ହେଲେ ସ୍ଥାନୀୟ ଲୋକେ ଯୁବତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ସନ୍ଦେହ କରିଥିଲେ। ଡାକ୍ତରୀ ପରୀକ୍ଷା କରିବା ପରେ ସେ ୭ ମାସର ଗର୍ଭବତୀ ଥିବା ଜଣାପଡଥିଲା। ଏ ନେଇ ଯୁବତୀଙ୍କ ପକ୍ଷରୁ ତୁରେକେଲା ଥାନାରେ ଅଭିଯୋଗ ପରେ ପିତକୁ ପୁଲିସ ଗିରଫ କରିଥିବା ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି।



## ଭଗବାନ ଗୌତମ ବୁଦ୍ଧଙ୍କ ଜୟନ୍ତୀ

ବଲାଙ୍ଗିର,୨।୫(ସମିସ): ଗେଟ୍ ସରୋବରପଡା ଅମ୍ବେଦକର ପାଠାଗାରସ୍ଥିତ ବୁଦ୍ଧ ଏବଂ ଅମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ୨୫୮୮ତମ ବୁଦ୍ଧ ପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଛି। ଦଣ୍ଡୁଆ କୁମ୍ଭାରଙ୍କ ନେତୃତ୍ୱରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ରୁକ୍ମିଣୀ ବାଗ, ସୁବଳୟା କୁମ୍ଭାର, ସଂଯୁକ୍ତା ବାଗ, ବିଜୟ ବାରିକ, କଳିଙ୍ଗ ସୁନା, ରଘୁନାଥ ମୁଗ୍ରୀ, ଭୁବନ ନାଗ, ବିଶ୍ୱାମିତ୍ର କୁମ୍ଭାର ପ୍ରମୁଖ ସାମିଲ ହୋଇଥିଲେ। ବ୍ରାହ୍ମଣପଡାସ୍ଥିତ ବୁଦ୍ଧ ପ୍ରତିମୂର୍ତ୍ତି, କଚେରୀଛକସ୍ଥିତ ଅମ୍ବେଦକରଙ୍କ ପ୍ରତିମୂର୍ତ୍ତି ଏବଂ ଯାଦବ ଭବନ ସମ୍ମୁଖରେ ସ୍ଥାପିତ ଫୁଲେ ଦମ୍ପତିଙ୍କ ଯୁଗ୍ମ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରିଶେଷରେ ବଲାଙ୍ଗିର ରାଜେନ୍ଦ୍ର ପାର୍କ ମଧ୍ୟରେ ପ୍ରଭାତଫେରି ଦଳ ପହଞ୍ଚି ଥିଲେ। ନେପାଳ ବାଗ ସଂଯୋଜନା କରିଥିବାବେଳେ ଧୀମାନ ଦଣ୍ଡୁଆ କୁମ୍ଭାର ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଦ୍ଧ୍ୟରେ ବିଜୟ ବାରିକ, ରଘୁନାଥ ମୁଗ୍ରୀ, ଲୋକନାଥ ସୁନା, ସୀତାରାମ କୁମ୍ଭାର, ବିଶ୍ୱାମିତ୍ର କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ସବିତା ନନ୍ଦ, ରୁପାଲି ମହାନନ୍ଦ, ଦିନେଶ ନାଗ, କୋ÷÷ଶଲ୍ୟା କୁମ୍ଭାର ଏବଂ ଶେଷରେ ଭୁବନ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

କଣ୍ଟାବାଞ୍ଜି: ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହର ଆଶ୍ରମ ପଡ଼ାଠାରେ ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ଉପଦେଷ୍ଟା ଗିରି ସିନ୍ଦୂର ଓ ସଦାନନ୍ଦ ବାଗ ନେତୃତ୍ୱରେ ଭଗବାନ ଗୌତମ ବୁଦ୍ଧଙ୍କ ଜନ୍ମଦିନ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ସଭାପତି ଅନିଲ୍ ବିଭାର ଓ ସମ୍ପାଦକ ରୋହନ କୁମାର ମହତ ଯୋଗ ଦେଇଥିଲେ। ସିରାଜ ମାହାନନ୍ଦ, ଯୋଗି ପ୍ରସାଦ ବାଗ, ମାଧବ ବଏ, ମୋହନ ସୁନା, ଗୋବିନ୍ଦ ପନିକା, ଅକ୍ଷା ଦାନି ବୁଦ୍ଧିଷ୍ଟ, ସୁରେଖା କୁମାର, ଭଲଲିୟ କୁମାର, ବବଲି କୁମାର, ସନ୍ତୋଷୀ ନାଗ, ରୁବି ବାଗ, ରୋହିନି ବାଗ, ରୋଶନୀ ପଟିଲ, ଲକ୍ଷ୍ମୀ ପଟିଲ, ଚନ୍ଦ୍ରମା କୁମାର, ଜୟା ସିନ୍ଦୂର, ସୁସ୍ମିତା ସିନ୍ଦୂର, ସବିତା ସିନ୍ଦୂର, ଯୋଶୋବନ୍ତି ନାଗ, ଜଗାସିନୀ କୁମାର, ମନ୍ଦାକିନୀ କୁମାର, ପ୍ରିୟଙ୍କା କୁମାର, ମମତା ନାଗ, ରେସବ ମାହାନନ୍ଦ, ଅନୁପ ଖୁରା, ଅଂଶୁ ସିପକା, ଲାଲୁ ତାଣ୍ଡି, ରାମ ପ୍ରସାଦ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ମାଣ ଶ୍ରମିକ ସଂଘ ତରଫରୁ ଶ୍ରମିକ ଦିବସ



ବଲାଙ୍ଗିର,୨।୫(ସମିସ): ସ୍ଥାନୀୟ କୋସଳ କଳା ମଣ୍ଡଳ ପଡିଆରେ ବଲାଙ୍ଗିର ନିର୍ମାଣ ଶ୍ରମିକ ସଂଘ ତରଫରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସାଧାରଣ ସଭାରେ ସଂଘର ସଭାପତି ଶମ୍ଭୁ ନାଗ ସଭାପତିତ୍ୱ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଶ୍ରମିକ ନେତା ପ୍ରମୋଦ ମିଶ୍ର ଓ ସାମ୍ବାଦିକ ସନ୍ଦୀପ କୁଅଁର ଯୋଗ ଦେଇଥିଲେ। ଶ୍ରମିକମାନେ ହେଉଛନ୍ତି ଦେଶର ମେରୁଦଣ୍ଡ। ଦେଶ ନିର୍ମାଣରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦିଓ ସମ୍ବିଧାନ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଅନେକ ଅଧିକାର ଦେଇଛି ତଥାପି ଆଜି ପର୍ଯ୍ୟନ୍ତ ଶ୍ରମିକମାନେ ତାଙ୍କ ନାର୍ଯ୍ୟ ଅଧିକାରରୁ ବଞ୍ଚିତ ହୋଇ ରହିଛନ୍ତି। ତେଣୁ ସମସ୍ତ ଶ୍ରମିକ ସମାଜ ଏକ ହୋଇ ନିଜ ହକ୍ ପାଇଁ ଲଢେଇ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସଂଘର ସଂପାଦକ ସାଧୁ ମହାନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ସାରଥି ପ୍ରଧାନ, ସଭ୍ୟ ମୁରଲି ମହାକୁର, ଗଜିନ ବଗର୍ତ୍ତି, ବିଜୟ ମହାନନ୍ଦ, ହରିବନ୍ଧୁ ଧରୁଆ, ଦେବଶଙ୍କର ବାଗ, ଦୁର୍ଯ୍ୟୋଧନ ବଗର୍ତ୍ତି, ଶଙ୍କର ଦୀପ, ଅଭିମନ୍ୟୁ ନନ୍ଦ ଓ ସୁଶାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କୁ ସାମ୍ବାଦିକଙ୍କ ଦାବିପତ୍ର

ବୀରମହାରାଜପୁର,୨।୫(ସମିସ): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ବିଭିନ୍ନ ଦାବିକୁ ସରକାର ଅଣଦେଖା କରୁଛନ୍ତି। ବାରମ୍ବାର ଦାବି ପରେ ପ୍ରତିଶ୍ରୁତି ଦେଇ ପୂରଣ କରୁନାହାନ୍ତି। ଏଣୁ ଓୟୁଜେର ଡାକରାରେ ସମଗ୍ର ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ଏବଂ ସାମ୍ବାଦିକ ଅଧିସ୍ୱୀକୃତି ଭଳି ପ୍ରମୁଖ ଦାବି ରହିଛି। ଓୟୁଜେ ସୁବର୍ଣ୍ଣପୁର ଜିଲ୍ଲା ଶାଖାର ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ସୁବର୍ଣ୍ଣପୁର ଜିଲ୍ଲା ଶାଖାର ଉପ ସଭାପତି ସୁଶାନ୍ତ ପଣ୍ଡା, ପିତାମ୍ବର ମହାପାତ୍ର, ସାଧାରଣ ସମ୍ପାଦକ ଶେଷଦେବ ବାରିକ, କୋଷାଧ୍ୟକ୍ଷ ରାଜେଶ ସେଠୀ, ଉପଦେଷ୍ଟା ସଞ୍ଜୟ ସାହୁ, ପବିତ୍ର ସିଂବିରିହା, ସତ୍ୟବାନ ପୁରୋହିତ, ସୁଶାନ୍ତ ସାହୁ, ଗୁରୁଦେବ ମେହେର, ରାମହରି ସେଠୀ, ପୀତାମ୍ବର ସାହୁ ଏବଂ ଜଗଦୀଶ ମେହେର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ନୃପରାଜ ସାହୁଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ତରଭା ସବ୍‌ଡିଭିଜନ ଏକ ନାର୍ଯ୍ୟ ଦାବି

ତରଭା,୨।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ସବଡିଭିଜନ ଏକ ନାର୍ଯ୍ୟ ଦାବି। ତରଭା ଓକିଲ ସଂଘ ଏହି ମତ ରଖିଛି। ଏଥିପାଇଁ ଆନ୍ଦୋଳନକୁ ବ୍ଲକର ପ୍ରତ୍ୟେକ ଗ୍ରାମରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ଦେଇଛି। ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଏନଏସି ପାଠାଗାରରେ ତରଭା ବ୍ଲକ ସାମ୍ବାଦିକ ସଂଘର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସବଡିଭିଜନ ଦାବି ବୈଠକରେ ଓକିଲ ସଂଘ ସଭାପତି ସୁରେଶ ମହଲା, ସମ୍ପାଦକ ସତ୍ୟନାରାୟଣ ନାଏକ, ସୁବିଞ୍ଜ ଦରୁଆନ, ଦୁର୍ଯ୍ୟୋଧନ ରାଉତ, ଶ୍ରବଣ ବିଶ୍ୱାଳ, ଅମିତ ନିଆଲି ପ୍ରମୁଖ ଯୋଗ ଦେଇଥିଲେ। ତରଭା ବ୍ଲକ ସାମ୍ବାଦିକ ସଂଘର ଆବାହକତ୍ୱରେ ଆୟୋଜିତ ବୈଠକ ପ୍ରାରମ୍ଭରେ ସଭାପତି ଶ୍ରୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ ସହ ଆନ୍ଦୋଳନକୁ ଆଗକୁ ବଢାଇବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏପ୍ରିଲ ୯ ତାରିଖ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରକୁ ସମ୍ପାଦକ ମାନଭଞ୍ଜନ ମିଶ୍ର ପଢି ଶୁଣାଇଥିଲେ। ତରଭା ବ୍ଲକର ଜନସଂଖ୍ୟାର ଘନତ୍ୱ, ଭୌଗୋଳିକ ସ୍ଥିତି ଓ ସୁବିଧାଗୁଡିକୁ ଦୃଷ୍ଟିରେ ରଖି ତରଭାକୁ ଉପଖଣ୍ଡ ଘୋଷଣା କଲେ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇବ। ସନ୍ତୁଳିତ ଆଞ୍ଚଳିକ ବିକାଶ ହେବ। ଶାସନ ଜନତାଙ୍କ ନିକଟତର ହେବ ବୋଲି ମତ ପ୍ରକାଶ ପାଇଛି। ସାମ୍ବାଦିକ କପିଳାସ ସେଠ, କଲ୍ୟାଣ ନାଏକ, ସୁକାନ୍ତ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ବୌଦ୍ଧ ଜିଲ୍ଲାପାଳଙ୍କ ବିଭିନ୍ନ ଗ୍ରାମ ପରିଦର୍ଶନ

ହରଭଙ୍ଗା,୨।୫ (ସମିସ): ବୌଦ୍ଧ ଜିଲ୍ଲାପାଳ ହରଭଙ୍ଗା ବ୍ଲକ୍‌ର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି। ସେ ପାନୀୟ ଜଳ, ରାସ୍ତାଘାଟ ଓ ବିଭିନ୍ନ ଭିତ୍ତିଭୂମି ସମସ୍ୟା ଅନୁଧ୍ୟାନ କରିଥିଲେ। କାଚପାଳୁ ଗ୍ରାମବାସୀ ତାଙ୍କ ଗ୍ରାମରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବାକୁ ଦାବି କରିଥିଲେ। ଏହା ସହ ଏକ ଚେକଡ୍ୟାମ ନିର୍ମାଣ, ନଳକୂପ ମରାମତି ଏବଂ ଆଡେଣୀଗଡରୁ ତାଙ୍କ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଉନ୍ନତି କରିବା ପାଇଁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ନଳକୂପ ମରାମତି ଏବଂ ଚେକଡ୍ୟାମ ନିର୍ମାଣ ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା କାମକୁ ଡବ୍ଲୁଓଡିସି ଯୋଜନାରେ ନିର୍ମାଣ କରାଯିବ ବୋଲି କହିଥିଲେ। ଏହାପରେ ଆଡେଣୀଗଡ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ପାନୀୟ ଜଳ ସମସ୍ୟା ବିଷୟରେ ଜଣାଇଥିଲେ। ସମସ୍ତ ଟ୍ୟୁବୱେଲ ଓ କୂଅ ଶୁଖି ଯାଇଥିବାରୁ ପାଣି ସମସ୍ୟା ହୋଇଥିଲା। ଜିଲ୍ଲାପାଳ ବିଡ଼ିଓ ଓ ଯନ୍ତ୍ରୀଙ୍କୁ ତୁରନ୍ତ ୩ଟି ଟ୍ୟାଙ୍କର ମାଧ୍ୟମରେ ଗ୍ରାମକୁ ପାଣି ଯୋଗାଣ କରିବାକୁ ଓ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗଭୀର ବୋରୱେଲ ଖନନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କୁସୁମଖୋଲି ଗ୍ରାମ ଗସ୍ତ ସମୟରେ ଗ୍ରାମବାସୀମାନେ ସୋଲାର ଚାଳିତ ଜଳ ଯୋଗାଣ, କେନାଲ ମରାମତି ଓ ରାସ୍ତାରେ କଲ୍ଭର୍ଟ ନିର୍ମାଣ ଦାବି କରିଥିଲେ। ଏସବୁ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହ ହରଭଙ୍ଗା ବିଡ଼ିଓ ବିଜୟ ପ୍ରଧାନ ଓ ବ୍ଲକ୍‌ର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

## ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବିକ୍ଷୋଭ

ବୌଦ୍ଧ,୨।୫ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ବିବାଦର ଶୀଘ୍ର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡିଶାର କୃଷି ଜଳସେଚନ ଓ ପାନୀୟ ଜଳ ପାଇଁ ଆବଶ୍ୟକ ଜଳ ଛାଡିବା ପାଇଁ ଛତିଶଗଡକୁ ନିର୍ଦ୍ଦେଶ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଦାବିପତ୍ର ଗ୍ରହଣ କରିଥିଲେ। ଶାନ୍ତନୁ ମହାପାତ୍ର, ସମରେଶ ମିଶ୍ର, ଉଦୟ ନାଥ ଶର୍ମା, ଅବକାଶ ସାହୁ, ପଙ୍କଜ କର୍ଣ୍ଣ, ବୃନ୍ଦଦେବ ପ୍ରଧାନ, ଅର୍ଜୁନ ମହାନନ୍ଦିଆ, ପୌଲସ୍ତି ପ୍ରଧାନ, ଭବାନୀ ଶଙ୍କର ବିଶ୍ୱାଳ, ରୋହିତାସ୍ୱ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କୁଆପଥର ମାଡ଼ରେ ଭାଙ୍ଗିଲା ଘର

ଶଗଡା,୨।୪ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ବିଭିନ୍ନ ଅଞ୍ଚଳରେ କାଳ ବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଜୋରରେ ପବନ ବହିବା ସହ ଅନେକ ସ୍ଥାନରେ ବର୍ଷା ହେବା ସହ କୁଆ ପଥର ମାଡ଼ ହୋଇଛି। କୁଆ ପଥର ମାଡ଼ରେ ଅନେକ ଧାନ ଓ ପରିବା ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଗଛ ଭାଙ୍ଗିଛି। ଚାଳ ଛପର ଘର ପବନ ଓ ବର୍ଷାରେ ଭାଙ୍ଗି ନଷ୍ଟ ହୋଇ ଯାଇଛି। କୁଆ ପଥର ସାଙ୍ଗକୁ ବର୍ଷା ହେବାରୁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ହେଲେ ଶତାଧିକ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ଦମାମୁଣ୍ଡା ଗ୍ରାମର ଆମ୍ବ ଚାଷୀ ସୁରଥ କର୍ମୀଙ୍କ ଆମ୍ବ ବଗିଚାରେ ଥିବା ଘରଟିରୁ ଆଜବେଷ୍ଟସ ଉଡ଼ିଛି। ଅମଲକ୍ଷମ ଆମ୍ବ ସବୁ କୁଆପଥର ମାଡରେ ନଷ୍ଟ ହୋଇଯାଇଛି। ଖଟଖଟିଆ ଗ୍ରାମର ସଙ୍କୀର୍ତ୍ତନ ଦେହୁରୀଙ୍କ ଘରର ଆଜବେଷ୍ଟସ ଉଡ଼ିଯାଇଛି। ସେହିପରି ସୀମିଳିପଦର୍ ପଞ୍ଚାୟତ ସଦର ଗ୍ରାମର ପିଆଜ ଚାଷୀ ସୁଶାନ୍ତ ମିଶ୍ରଙ୍କ ପିଆଜ ଘରର ଆଜବେଷ୍ଟସ ଛାତ ଉଡିଯାଇଛି। ଅମଳକ୍ଷମ ପିଆଜ ଓ ଆମ୍ବ କୁଆପଥର ମାଡରେ ବ୍ୟାପକ କ୍ଷତି ହୋଇଛି। ଏ ସଂପର୍କରେ ପରା ରାଜସ୍ୱ ନିରୀକ୍ଷକ ଶ୍ରୀଯୁକ୍ତ ଯୋକେଶ ସାହୁଙ୍କୁ ପଚାରିବାରୁ ଏହାର ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଭୀମଭୋଇଙ୍କ ବାଣୀ କାଳଜୟୀ







ବୌଦ୍ଧ/ଜହ୍ନାପଙ୍କ,୨।୫ (ସମିସ)

ବୌଦ୍ଧ ଜିଲ୍ଲା ସଦର ବ୍ଲକ ବଡ଼ିଗାଁ ପଞ୍ଚାୟତ ବଲାସିଙ୍ଗା ମହୁଲମୂଳ ମହିମା ଆଶ୍ରମଠାରେ ମହିମା ବିକାଶ ପରିଷଦ ଓ ଗ୍ରାମବାସୀଙ୍କ ସହାୟତାରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ପବିତ୍ର ବୈଶାଖ ପୂର୍ଣ୍ଣିମା ଅବସରରେ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଭୀମଭୋଇଙ୍କ ବାଣୀ କାଳଜୟୀ ବୋଲି ଏଥିରେ ମତପ୍ରକାଶ ପାଇଛି। ମହିମା ବିକାଶ ପରିଷଦ ସଭାପତି ବିଭୁତି ଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସାଧୁ କୁଳଧର ଦାସ ସଂପାଦକୀୟ ବିବରଣୀ ପଠନ ପୂର୍ବକ ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ମୁଖ୍ୟ ରାସ୍ତାଠାରୁ ଆଶ୍ରମ ପର୍ଯ୍ୟନ୍ତ ପକ୍କାରାସ୍ତା ନିର୍ମାଣ, ସାଧୁ ଓ ଭକ୍ତ ନିବାସ, ଆଶ୍ରମ ଚାରିପାଖରେ ପ୍ରାଚୀର ନିର୍ମାଣ, ଆଲୋକୀକରଣ ସହିତ ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଉପସ୍ଥାପନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, କନ୍ଧମାଳ ସାଂସଦଙ୍କ ବୌଦ୍ଧ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଧୁ କୃଷ୍ଣଚନ୍ଦ୍ର ଦାସ, ଅନ୍ୟତମ ବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ପାତ୍ର, ଯୁବ ଗବେଷକ ସତ୍ୟନାରାୟଣ ପାଣି, ଗବେଷକ ସତ୍ୟଜିତ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବଡ଼ିଗାଁ ସରପଞ୍ଚ ସଦାନନ୍ଦ ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ, ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଦେବାଶିଷ ପୁରୋହିତ, ସାମ୍ବାଦିକ ମହେଶ ପ୍ରସାଦ ଅଗ୍ରୱାଲ, ସାମାଜିକ କର୍ମୀ କୃତିବାସ ପଲିଆ ପ୍ରମୁଖ ମଞ୍ଚାସୀନ ଥିଲେ।

ବୌଦ୍ଧ ରାଜବାଟୀ ନିକଟସ୍ଥ ବୁଦ୍ଧ ମନ୍ଦିରରେ ପଣ୍ଡିତ ମିନୁପ୍ରସାଦ ମିଶ୍ର ପୂଜା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୁଦ୍ଧ ଜୟନ୍ତୀ କମିଟିର ଆବାହକ ଦେବାଶିଷ ପୁରୋହିତ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବିଶ୍ୱେଶ୍ୱର ପୃଷ୍ଟି, ଚିତ୍ତରଞ୍ଜନ ଦାଶ, ଯୁଗଳ କିଶୋର ସାମଲ, ରଘୁନାଥ ଷଡ଼ଙ୍ଗୀ, ଜିତେନ୍ଦ୍ର ବେହେରା, ନିରଞ୍ଜନ ଦାନୀ, ସୋମନାଥ ହୋତା ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ପରଗଲପୁର, ଶ୍ୟାମସୁନ୍ଦରପୁର, ଗମ୍ଭାରୀପଦର ପ୍ରଭୃତି ଜିଲ୍ଲାର ବିଭିନ୍ନ ସ୍ଥାନରେ ପୂଜା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀ ଚନ୍ଦ୍ରଚୁଡ ମନ୍ଦିର ନିକଟ ମହାନଦୀ ଆଳତୀଘାଟରେ ମାରୱାଡ଼ି ମହିଳା ସମିତି ପକ୍ଷରୁ ଦିବ୍ୟ ଆଳତି ଆୟୋଜନ ହୋଇଥିଲା। ଏଥିରେ ସମିତିର ଅଧ୍ୟକ୍ଷା ପ୍ରେମଲତା ଅଗ୍ରୱାଲ, ସଚିବ ଚଞ୍ଚଳ ଅଗ୍ରୱାଲ, ସହାୟକ ଜ୍ୟୋତି ଅଗ୍ରୱାଲ, ବବିତା ଅଗ୍ରୱାଲ, ପୁଷ୍ପା ଅଗ୍ରୱାଲ, ମଞ୍ଜୁ ଅଗ୍ରୱାଲ, ଶକୁନ୍ତଳା ଅଗ୍ରୱାଲ, ସୁଲୋଚନା ଅଗ୍ରୱାଲ, ଉମା ଅଗ୍ରୱାଲ, କାନ୍ତା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ମହାନଦୀ ଆଳତି ଘାଟରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବୁଦ୍ଧ ପାର୍କଠାରେ ପହଞ୍ଚିଥିଲା। ସେଠାରେ କମିଟିର ଦେବାଶିଷ ପୁରୋହିତଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ସମ୍ମାନୀତ ଅତିଥି ଭାବେ ବ୍ରହ୍ମଚାରୀ ଆଦିତ୍ୟ ଦାସ, ଗବେଷକ ବିଶ୍ୱେଶ୍ୱର ପୃଷ୍ଟି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଲଳିତ ମେହେର ଯୋଗ ଦେଇଥିଲେ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମପଞ୍ଚାୟତ ଭଙ୍ଗାମୁଣ୍ଡାସ୍ଥିତ ଗାୟତ୍ରୀ ଆବାସିକ ବିଦ୍ୟାଳୟ ପରିସରରେ ଭୀମ ଭୋଇ କଳାନିକେତନ ପକ୍ଷରୁ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭୀମ ଭୋଇ କଳାନିକେତନର ସଭାପତି ମଦନ ସୁନ୍ଦର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ସଭାରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ଅଧ୍ୟକ୍ଷ ପଙ୍କଜ ଖମାରୀ, ବିଶିଷ୍ଟ କବି କିଶୋର ହୋତା ଅତିଥି ଭାବେ ଯୋଗ ଦେଇଥିଲେ। ଅକ୍ଷୟ ରାଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଦ୍ମନାଭ ବାରିକ, ସୁଦର୍ଶନ ବିଶ୍ୱାଳ, ସୁକାନ୍ତ ସାହୁ, ଅକ୍ରୁର ପଣ୍ଡା, ସଂଗୀତଜ୍ଞ ପୃଥ୍ୱିରାଜ ଜଗଦଲାଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଯୁଧିଷ୍ଠିର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅଧୀନ ସନ୍ଥକବି ଭୀମଭୋଇଙ୍କ ଜନ୍ମପୀଠ ଜଟେସିଂହାଠାରେ ଜନ୍ମ ବାର୍ଷିକୀ ପାଳନ କରାଯାଇଛି। ଏହି ଉପଲକ୍ଷେ ଗ୍ରାମର ମହିଳା ଓ ପୁରୁଷମାନେ ଏକ ବିରାଟ ଶୋଭାଯାତ୍ରାରେ ପୀଠରୁ ବାହାରି ଗୋଧନେଶ୍ୱର ନଦୀ ଘାଟରୁ କଳସ ଶୋଭାଯାତ୍ରା କରିଥିଲେ। ଜୟଦେବ ବାଦୀ, ଜଗଦୀଶ ନୀତି ବାବା, ମଙ୍ଗଲ୍ ଭକ୍ତ, ହର ଭକ୍ତ, ବଳିଆର ଭକ୍ତ, ଦଶରଥ ଭକ୍ତ ପ୍ରମୁଖ ଜଗତର ମଙ୍ଗଳ କାମନା କରି ମହିମା ଗୋସାଇଁଙ୍କ ଚରଣାଶ୍ରିତ ହୋଇଥିଲେ। କମିଟି ସଭାପତି ରାଧାକାନ୍ତ ଭଞ୍ଜ, ଉପ ସଭାପତି ପଦ୍ମନାଭ ବାଦୀ, କୋଷାଧ୍ୟକ୍ଷ ସୁଶୀଳ ବାଦୀ, ସଦସ୍ୟ କୁମର ଲୁହା, ଅରୁଣ ବାଦୀ, ସାରଥୀ କଅଁର, ରାଜେନ୍ଦ୍ର ଲୁହା, ଗଗନ ବାଦୀ, ବନ ରାଜହଂସ ପ୍ରମୁଖ କଳସ ଶୋଭାଯାତ୍ରାରେ ସହଯୋଗ କରିଥିଲେ। ଜ୍ଞାନେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କଲରା ପତରିଆ ବାଘ ଛାଲ ଜବତ, ଦୁଇ ଗିରଫ

ବୌଦ୍ଧ,୨।୫(ସମିସ): ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପୁରୁଣା କଟକ ଥାନା କରଞ୍ଜକଟା ଗ୍ରାମ ନିକଟରୁ ଏକ କଲରା ପତରିଆ ବାଘ ଛାଲ ଜବତ କରିଛି। ବାଘ ଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ଛାଲ ସହ ଦୁଇ ଶିକାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦୁଇଜଣ ହେଲେ କରଞ୍ଜକଟା ଗ୍ରାମର ଅଭୟ ନାୟକ ଓ ବାଇସପଡ଼ା ଗ୍ରାମର ନୀଳକଣ୍ଠ କହଁର।

## ହାତୀ ଦଳିଦେଲେ ଡାଲୁଅ ଧାନ ଚାଷ

ଜହ୍ନାପଙ୍କ,୨।୫(ସମିସ): ବୌଦ୍ଧ ବନଖଣ୍ଡ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତିରେ ୧୦ ଟିକିଆ ହାତୀ ପଲ ଉତ୍ପାତ ଚଳାଇଛନ୍ତି। ବୀରମହାରାଜପୁରର ସଂଗ୍ରାମପୁର ଅଞ୍ଚଳରୁ ଫେରି ଏମାନେ ମହାନଦୀ ପାର ହୋଇଛନ୍ତି। ଜଗତି ମହାନଦୀ କୂଳରେ ଧାନ ଖାଇ ଦୂରଦୁରା ଜଙ୍ଗଲକୁ ପଳାଇ ଯାଇଥିଲେ। ଜଗତି ଗ୍ରାମର ୧୧ ଜଣ ଚାଷୀଙ୍କ ଧାନ ମାଡ଼ିଦଳି ଦେଇଛନ୍ତି।

## ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବୀରମହାରାଜପୁର,୨।୫(ସମିସ): ବୀରମହାରାଜପୁର ବ୍ଲକ୍ ସେରଗେଡା ସ୍କୁଲର ପ୍ରଧାନ ଶିକ୍ଷକ ବିଜୟ ମହାପାତ୍ରଙ୍କୁ ଗ୍ରାମବାସୀ, ଶିକ୍ଷକ, ଶିକ୍ଷୟତ୍ରୀ ଛାତ୍ରଛାତ୍ରୀ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି। ସମସ୍ତେ ତାଙ୍କୁ ଶୋଭାଯାତ୍ରାରେ ନେଇ ତାଙ୍କ ଘରେ ଛାଡ଼ିଥିଲେ।

## ରଣ୍ଡିମହୁଲରେ ନାମଯଜ୍ଞ ଉଦ୍‌ଯାପିତ

କଣ୍ଟାମାଳ,୨।୫(ସମିସ): କଣ୍ଟାମାଳ ବ୍ଲକ୍ ରଣ୍ଡିମହୁଲ ଗ୍ରାମରେ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଛପନ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ଅଶୋକ ଦାସ, ମାନସ ପୁରୋହିତ, ବିରଞ୍ଚି ନାରାୟଣ ପଣ୍ଡା, ସତ୍ୟବାନ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ କରିଥିଲେ। ରାଜେଶ ବାରିକ ଓ ତାଙ୍କ ପତ୍ନୀ ରୁବି ବାରିକ ଯଜ୍ଞ କାର୍ଯ୍ୟ ତୁଲାଇ ଥିଲେ।

## ସ୍କୁଲର ଗୌରବ ବଢ଼ାଇଲେ



ଡୁଙ୍ଗୁରିପାଲି,୨।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଗ୍ରେଡ୍ ବଡ଼କର୍ଲେ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବିନିତା ଭୋଇ ୫୪୨ ନମ୍ବର ରଖି ଏ-୧ ଗ୍ରେଡ୍ ଆଣିଛନ୍ତି। ଭୀମଟିକିରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ଭୋଇ ୫୪୦ ନ୍ମବର ରଖି ଏ-୧ ଗ୍ରେଡ଼ ପାଇଛନ୍ତି। ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲିନୁ ନାଏକ ୫୪୦ ନମ୍ବର ରଖି ଏ-୧ଗ୍ରେଡ଼ ପାଇଛନ୍ତି। ଏହି ବିଦ୍ୟାଳୟର ଶାଳିନୀ ବନଛୋର ୫୪୦ ନମ୍ବର ରଖି ଏ-୧ ଗ୍ରେଡ଼ ପାଇଛନ୍ତି।

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରଭାତୀ ରଣା ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛନ୍ତି। ସେହିପରି ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସମୀକ୍ଷା ବେହେରା ୪୮୭ ନମ୍ବର ରଖିଥିବା ବେଳେ ସମିନା ସାହୁ ୪୮୨ ନମ୍ବର ରଖି ଏ-୨ ଗ୍ରେଡ୍ ପାଇଛନ୍ତି। ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ର ନିହାର ରଞ୍ଜନ ନାଏକ ୫୪୦ ନମ୍ବର ରଖି ଏ-୧ରେ ପାସ କରିଛନ୍ତି।

## ମଡେଲ ଜିପିଏଲ୍‌ଏଫ୍ ସାଧାରଣ ପରିଷଦ ବୈଠକ

ବିରାମହାରାଜପୁର,୨।୫(ସମିସ): ସୁବଳୟା କଲ୍ୟାଣ ମଣ୍ଡପରେ ଆଦର୍ଶ ପଞ୍ଚାୟତସ୍ତରୀୟ ସଂଘ ପକ୍ଷରୁ ନବମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନର ରମାକାନ୍ତ ହରିପାଲ, ମିଶନ ଶକ୍ତିର ଶାନ୍ତନୁ ମେହେର, ଅମିତ୍ ଡାଙ୍ଗ, ଡିଇଓ ପ୍ରଫୁଲ୍ଲ ବାରିକ, ଓଜିବି ସୁବଳୟା ଶାଖା ପରିଚାଳକ ପତିତପାବନ ସୁବୁଦ୍ଧି, ସମିତି ସଭ୍ୟା ଲିଲି ମେହେର, ସଭାନେତ୍ରୀ ମୀରା ବାରିକ୍ ଓ ସମ୍ପାଦିକା ମାଧୁରୀ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ବବିତା ରାଣୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦମୟନ୍ତୀ ମେହେର ପ୍ରେରଣା କେନ୍ଦ୍ର ଉପରେ ବିବରଣୀ ଦେଇ ଥିଲେ।

## ବୌଦ୍ଧ ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ପାସ୍ ହାର ୯୫.୫୮ ପ୍ରତିଶତ

ବୌଦ୍ଧ, ୨।୫(ସମିସ): ବୌଦ୍ଧ ଜିଲ୍ଲାରେ ମାଟ୍ରିକ ପାସ୍ ହାର ୯୫.୫୮ ପ୍ରତିଶତ ରହିଛି। ମୋଟ୍ ୭୯ଟି ହାଇସ୍କୁଲର ୬୬୨୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଏଥର ଫର୍ମ ପୂରଣ କରିଥିଲେ। ଏଥିରୁ ୬୬ ଜଣ ପରୀକ୍ଷା ଦେଇ ନ ଥିଲେ। ତେବେ ଏଥର ଜିଲ୍ଲାର ମାତ୍ର ୧୨ ଜଣ ଛାତ୍ର ଛାତ୍ରୀ ଏ-୧ ଗ୍ରେଡରେ ପାସ୍ କରିଛନ୍ତି। ସେହିପରି ଏ-୨ରେ ୯୯ ଜଣ, ବି-୧ ରେ ୨୬୯ ଜଣ, ବି-୨ ରେ ୬୯୦ ଜଣ, ସିରେ ୧୫୨୮ ଜଣ, ଡିରେ ୨୦୬୦ ଜଣ, ଇରେ ୧୬୧୩ ଜଣ, ଏଫ ଗ୍ରେଡ୍‌ରେ ୨୯୦ ଜଣ ଛାତ୍ର ଛାତ୍ରୀ ପାସ୍ କରିଛନ୍ତି। ୨୯୦ ଜଣ ଛାତ୍ର ଛାତ୍ରୀ ଫେଲ୍ ହୋଇଛନ୍ତି। ଜିଲ୍ଲାରେ ୨୯୬୪ ଛାତ୍ର ପାସ୍ କରିଥିବା ବେଳେ ୩୩୦୭ ଛାତ୍ରୀ ପାସ୍ କରିଛନ୍ତି।

## ଶ୍ରୀୟା ସାହୁ ମାଟ୍ରିକ ବ୍ଲକ୍ ଟପର



ବୌଦ୍ଧ,୨।୫(ସମିସ): ମନମୁଣ୍ଡା ହାଇସ୍କୁଲର ଛାତ୍ରୀ ଶ୍ରୀୟା ସାହୁ ୫୬୨ ନମ୍ବର ରଖି ବ୍ଲକ୍ ଟପର ହୋଇଛନ୍ତି। ମନମୁଣ୍ଡା ହାଇସ୍କୁଲର ଚନ୍ଦନ ମହଲା ୫୪୦, ପାଣ୍ଡିରୀପଡା ଶ୍ରୀ ଅରବିନ୍ଦ ସ୍କୁଲର ଆଦର୍ଶ ନାଏକ ୫୪୦ ଓ ପାଣ୍ଡିରୀପଡା ଅରବିନ୍ଦ ସ୍କୁଲର ଆନନ୍ଦ ପ୍ରଧାନ ୫୪୦ ନମ୍ବର ରଖି ଏ-୧ ଗ୍ରେଡ଼ରେ ଉତୀର୍ଣ୍ଣ ହୋଇଛନ୍ତି।

## ବିଜେଡି ପକ୍ଷରୁ ରକ୍ତଦାନ ଶିବିର

ବୀରମହାରାଜପୁର,୨।୫(ସମିସ): ବୀରମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ଜନ୍ମ ଦିବସରେ ବିଜୁ ଜନତା ଦଳ ଏବଂ ନାରାୟଣ ଲୁହା ଫ୍ୟାନ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ସରୋଜ କର୍ମ, ଜିଲ୍ଲା ବିଜେଡି ଉପସଭାପତି କିଶୋର ହୋତା, ଜିଲ୍ଲା ଯୁବବିଜେଡି ସଭାପତି ଅଶୋକ ନନ୍ଦ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାରାୟଣ ପଣ୍ଡା, ରାଜଗୋପାଳ ପାଣିଗ୍ରାହୀ, କଲ୍ଲୋଳ ମିଶ୍ର, ମଧୁସୂଦନ ପଣ୍ଡା, ତୁଳସୀଦାସ ହୋତା, ବିବସ୍ୱତୀ ପଣ୍ଡା, ବୀରମହାରାଜପୁର ଥାନା ଅଧିକାରୀ ଯଯାତି କେଶରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରଞ୍ଜିତ ଚାନ୍ଦ, ମଙ୍ଗଳ ପଧାନ, ନିରୋଦ ପାଣ୍ଡେ, ପ୍ରକାଶ ଲୁହା ପ୍ରମୁଖ ସହଯୋଗ କରିଥିଲେ।

## ସୋନପୁରରେ ନୃସିଂହଙ୍କ ଜନ୍ମ ଉତ୍ସବ

ତରଭା,୨।୫(ସମିସ): ସୋନପୁରରେ ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ତଥା ପ୍ରଭୁ ନୃସିଂହଙ୍କ ଜନ୍ମୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ସୋନପୁର ସହରର ବଡ଼ବଜାରସ୍ଥିତ ଶ୍ରୀ ନୃସିଂହ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ମହାନଦୀ ତେନ୍ତୁଳିଘାଟରୁ କଳସରେ ଜଳ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ ପରେ ପୂଜାକାର୍ଯ୍ୟ ସହ ଅଧିବାସ ସମ୍ପନ୍ନ ହୋଇଥିଲା। ନୃସିଂହ ମନ୍ଦିରର ମୂଖ୍ୟ ପୂଜକ ସରୋଜ କର ଓ ଆନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମ୍ପାଦିତ ହୋଇଥଲା। ଶଶାଙ୍କ ଶେଖର ମିଶ୍ର ଏବଂ ମିନାକ୍ଷୀ ମିଶ୍ର କର୍ତ୍ତା ଥିଲେ। ଗୌରୀଶଙ୍କର ମହାପାତ୍ର, ପବିତ୍ର ସାହୁ, ଉପସଭାପତି ଗିରିଧାରୀ ତରିଆ, ରାଜେନ୍ଦ୍ର ମିଶ୍ର, ମୁନା ବାରିକ, ସୀତାରାମ ମହାପାତ୍ର, ବୈଦ୍ୟନାଥ ସାହୁ, ସତ୍ୟ ନାରାୟଣ ମିଶ୍ର, ସଦାନନ୍ଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରମିକଙ୍କ ଅବଦାନ ସର୍ବଦା ପ୍ରଶଂସନୀୟ






ତରଭା,୨।୫(ସମିସ): ସୋନପୁର ଟାଉନ ହଲରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ସହଭାଗିତାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଛି। ସମାଜରେ ଶ୍ରମିକଙ୍କ ଅବଦାନ ସର୍ବଦା ପ୍ରଶଂସନୀୟ ବୋଲି ଅତିଥିମାନେ କହିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲ୍ଲାପାଳ ନୃପରାଜ ସାହୁ, ସୋନପୁର ପୌରପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ୱିତା ନାୟକ, ବିରମହାରାଜପୁର ବିଧାୟକଙ୍କ ପ୍ରତିନିଧି ବେଣୁଧର ଦାସ, ସୁବର୍ଣ୍ଣପୁର ଟ୍ରେଡ ୟୁନିୟନ ସମନ୍ୱୟ କମିଟିର ସଭାପତି ଗୋବିନ୍ଦ ମହାରଣା, ରେୟାର ଏନଜିଓର ଅନଙ୍ଗ ନେଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟ ଶଙ୍କର ଧୁରୁଆ ଉପସ୍ଥିତ ଥିଲେ। ଡୁଙ୍ଗୁରିପାଲି ସହକାରୀ ଶ୍ରମ ଅଧିକାରୀ ସୌମ୍ୟରଂଜନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଉଲୁଣ୍ଡା ସହକାରୀ ଶ୍ରମ ଅଧିକାରୀ ଲିପକରାଜ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୬ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ବଣ୍ଟନ କରାଯାଇଛି। ନୂତନ ଭାବରେ ପଞ୍ଜୀକୃତ ହୋଇଥିବା ୨୦୦ ନିର୍ମାଣ ଶ୍ରମିକ ଓ ୫୦ ଅସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ବିତରଣ କରାଯାଇଥିଲା। ସୋନପୁର ସହକାରୀ ଶ୍ରମ ଅଧିକାରୀ କେଦାର ସିଂ ବରିହା, ବିନିକା ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ମେହେରା, ତରଭା ସହକାରୀ ଶ୍ରମ ଅଧିକାରୀ ସପ୍ରତିଭ ପ୍ରଧାନ, ଅନିତା ନାଗ, ବାଙ୍କାବିହାରୀ ମହଲା, ପ୍ରିୟଦର୍ଶିନୀ ପ୍ରଧାନ, ସୁଚିସ୍ମିତା ପାତ୍ର, ନାରାୟଣ ବିଶି ପ୍ରମୁଖ ସହଯୋଗ କରିଥିଲେ।

**ବୌଦ୍ଧ:** ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ବୌଦ୍ଧସ୍ଥିତ ଟାଉନ ହଲ୍‌ରେ ଏକ ଶ୍ରମିକ ସଚେତନତା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କର ଅଧିକାର, ସୁରକ୍ଷା ଓ ସମାଜ ଗଠନରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ବିପ୍ର ଚରଣ ମହାନ୍ତି, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ରଞ୍ଜନ ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ସହାୟତା ବଣ୍ଟନ କରାଯାଇଥିଲା। ଶିକ୍ଷକ ପ୍ରମୋଦ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ।

## ତରଭାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ତରଭା,୨।୫(ସମିସ): ତରଭା ଥାନା ଅଧିକାରୀ ଭାବେ ଡୋଳାମଣି ନାଏକ ଯୋଗ ଦେଇଛନ୍ତି। ଶ୍ରୀ ନାଏକ ଏହା ପୂର୍ବରୁ ସୁବର୍ଣ୍ଣପୁର ଜିଲ୍ଲାର ରାମପୁର ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ତରଭା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା, ନିଶା କାରବାର ଉପରେ ଲଗାମ, ତରଭା ସହରର ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ଓ ଜନସାଧାରଣଙ୍କ ସୁରକ୍ଷା ଉପରେ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି।

## ଡକାୟତି ଉଦ୍ୟମ ବେଳେ ୨ ଗିରଫ

ତରଭା,୨।୫(ସମିସ): ଡକାୟତି ଉଦ୍ୟମ କରୁଥିବା ଏକ ଡକାୟତ ଦଳର ୨ ଜଣଙ୍କୁ ତରଭା ପୁଲିସ ଗିରଫ କରଛି। ତେବେ ଅନ୍ଧାରର ସୁଯୋଗ ନେଇ ଆଉ ୩/୪ ଜଣ ଡକାୟତ ଫେରାର ମାରିଛନ୍ତି। ଶୁକ୍ରବାର ରାତି ପ୍ରାୟ ସାଢେ ୧୧ଟାରେ ତରଭା ଥାନା ଏସ୍‌ଆଇ ପ୍ରସନ୍ନଜିତ ବେହେରା ଦଳବଳ ସହ ପାଟ୍ରୋଲିଂ କରୁଥିଲେ। ମରାଡୁଗୁଚ୍ଛା ପଡିଆରେ କିଛି କୁଖ୍ୟାତ ଅପରାଧୀ ଏକତ୍ରିତ ହୋଇ ଡକାୟତି ପାଇଁ ମନ୍ତ୍ରଣା କରୁଥିବା ସେ ସୂଚନା ପାଇଥିଲେ। ପୁଲିସ ଘେରି କଣ୍ଟାମାଳ ଥାନା ବରଗୁଛାପାଲିର ଲୋଚନ ସାହୁ (୨୨) ଓ ବଲ୍ଲଭ ସାହୁ (୨୩)କୁ ଧରିଥିଲା। ଅନ୍ୟମାନେ ଖସି ଯାଇଥିଲେ। ତରଭା- କଣ୍ଟାମାଳ ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଅଟକାଇ ଲୁଟ୍ କରିବାକୁ ଏମାନେ ଯୋଜନା କରୁଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରଛନ୍ତି। ଘଟଣା ସ୍ଥଳରୁ ଗୋଟିଏ ବୁଲେଟ, ଗୋଟିଏ ଦେଶୀ ପିସ୍ତଲ, ଗୁଳି, ଗୋଟିଏ ଛୁରା, ଗୋଟିଏ ଲୁହା ରଡ୍, ବାଉଁଶ ଲାଠି, ପ୍ଲାଷ୍ଟିକ ଦଉଡି, ୩ଟି କଳା ରଙ୍ଗର ମୁଖା, ୪ଟି ଖାଲି ମଦ ବୋତଲ, ମରିଚ ଗୁଣ୍ଡ ଆଦି ପୁଲିସ ଜବତ କରିଛି। ଏ ନେଇ ତରଭା ଥାନାରେ ଏକ ମାଲା ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୋନପୁର ପୁଲିସ କାର୍ଯ୍ୟାଳୟରେ ଏସ୍‌ପି ନାରାୟଣ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏଏସ୍‌ଆଇ ସୁଶୀଲ ବିଶି ତଦନ୍ତ ଦାୟିତ୍ୱ ନେଇଥିବା ତରଭା ଥାନା ଆଇଆଇସି ଡୋଳାମଣି ନାଏକ କହିଛନ୍ତି।

